ଗଣତନ୍ତ୍ରର ମହାପର୍ବ
ଜନାଦେଶ ୨୦୨୪
ସକାଳ THE SAKALA
www.sakalaepaper.com

# କେଉଁଠି କାହାକୁ କେତେ ଭୋଟ୍

## ଲୋକସଭା ଆସନ | ବିଧାନସଭା ଆସନ

### ସମ୍ବଲପୁର

ବିଜେତା: ଧର୍ମେନ୍ଦ୍ର ପ୍ରଧାନ — ଭୋଟ୍: ୫୯୨୧୬୨

ନିକଟତମ ପ୍ରତିଦ୍ୱନ୍ଦ୍ୱୀ: ପ୍ରଣବ ପ୍ରକାଶ ଦାସ — ଭୋଟ୍: ୪୭୨୩୨୬

ମୋଟ୍ ଭୋଟର ୧୪୭୮୩୬୭

ଲୋକସଭା ଆସନ: ସମ୍ବଲପୁର — ତୃତୀୟ ପର୍ଯ୍ୟାୟ ମେ ୨୫ — ବିଧାନସଭା ଆସନ: କୁଚିଣ୍ଡା, ରେଙ୍ଗାଲି, ସମ୍ବଲପୁର, ରେଢ଼ାଖୋଲ, ଦେବଗଡ଼, ଛେଣ୍ଡିପଦା, ଆଠମଲ୍ଲିକ

| ବିଧାନସଭା ଆସନ | ବିଜେତା | ଭୋଟ୍ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଭୋଟ୍ |
|---|---|---|---|---|
| କୁଚିଣ୍ଡା | ରବି ନାରାୟଣ ନାୟକ | ୯୫୭୧୬ | ରାଜେନ୍ଦ୍ର କୁମାର ଛତ୍ରିଆ | ୬୩୪୯୬ |
| ରେଙ୍ଗାଲି | ସୁଦର୍ଶନ ହରିପାଲ | ୭୩୪୨୦ | ନାଉରୀ ନାଏକ | ୭୦୨୦୮ |
| ସମ୍ବଲପୁର | ଜୟନାରାୟଣ ମିଶ୍ର | ୫୯୮୨୭ | ରୋହିତ ପୂଜାରୀ | ୫୫୭୨୨ |
| ରେଢ଼ାଖୋଲ | ପ୍ରସନ୍ନ ଆଚାର୍ଯ୍ୟ | ୬୧୭୧୬ | ଦେବେନ୍ଦ୍ର ମହାପାତ୍ର | ୫୬୭୫୬ |
| ଦେବଗଡ଼ | ରୋମାଞ୍ଚ ରଞ୍ଜନ ବିଶ୍ୱାଳ | ୮୯୦୭୪ | ସୁବାଷ ଚନ୍ଦ୍ର ପାଣିଗ୍ରାହୀ | ୭୩୨୮୨ |
| ଛେଣ୍ଡିପଦା | ଅଗସ୍ତି ବେହେରା | ୯୩୬୨୯ | ସୁଶାନ୍ତ କୁମାର ବେହେରା | ୭୮୫୬୬ |
| ଆଠମଲ୍ଲିକ | ନଳିନୀକାନ୍ତ ପ୍ରଧାନ | ୯୩୯୫୭ | ସଞ୍ଜିବ କୁମାର ସାହୁ | ୭୭୮୦୪ |

### ମୟୂରଭଞ୍ଜ

ବିଜେତା: ନବ ଚରଣ ମାଝୀ — ଭୋଟ୍: ୫୮୫୯୭୧

ନିକଟତମ ପ୍ରତିଦ୍ୱନ୍ଦ୍ୱୀ: ସୁଦାମ ମାର୍ଣ୍ଡି — ଭୋଟ୍: ୩୬୬୬୩୭

ମୋଟ୍ ଭୋଟର ୧୫୧୭୬୪୫

ଲୋକସଭା ଆସନ: ମୟୂରଭଞ୍ଜ — ଚତୁର୍ଥ ପର୍ଯ୍ୟାୟ ଜୁନ ୦୧ — ବିଧାନସଭା ଆସନ: ଯଶୀପୁର, ସାରସକଣା, ରାଇରଙ୍ଗପୁର, ବାଙ୍ଗିରିପୋଷି, ଉଦଳା, ବାରିପଦା, ମୋରଡ଼ା

| ବିଧାନସଭା ଆସନ | ବିଜେତା | ଭୋଟ୍ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଭୋଟ୍ |
|---|---|---|---|---|
| ଯଶୀପୁର | ଗଣେଶ ରାମ ସିଂଖୁଣ୍ଟିଆ | ୮୫୩୮୪ | ଚକ୍ରଧର ହେମ୍ବ୍ରମ | ୫୦୬୧୭ |
| ସାରସକଣା | ଭାଦବ ହାଂସଦା | ୫୯୩୮୭ | ଦେବାଶିଷ ମାରାଣ୍ଡି | ୪୫୭୩୫ |
| ରାଇରଙ୍ଗପୁର | ଜଲେନ୍ ନାଏକ | ୬୨୭୨୪ | ରାଇସେନ୍ ମୁର୍ମୁ | ୫୫୦୩୧ |
| ବାଙ୍ଗିରିପୋଷି | ସଞ୍ଜଲି ମୁର୍ମୁ | ୮୭୮୦୧ | ରଞ୍ଜିତା ମାରାଣ୍ଡି | ୫୩୩୨୫ |
| ଉଦଳା | ଭାସ୍କର ମଢ଼େଇ | ୬୬୪୦୧ | ଶ୍ରୀନାଥ ସୋରେନ | ୫୯୮୮୪ |
| ବାରିପଦା | ପ୍ରକାଶ ସୋରେନ୍ | ୭୮୨୭୨ | ସାନନ୍ଦ ମାରାଣ୍ଡି | ୪୮୮୮୭ |
| ମୋରଡ଼ା | ଡ. କୃଷ୍ଣଚନ୍ଦ୍ର ମହାପାତ୍ର | ୭୭୯୮୦ | ପ୍ରୀତିନନ୍ଦା କାନୁନଗୋ | ୪୪୭୧୦ |

### ବାଲେଶ୍ୱର

ବିଜେତା: ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ — ଭୋଟ୍: ୫୬୩୮୬୫

ନିକଟତମ ପ୍ରତିଦ୍ୱନ୍ଦ୍ୱୀ: ଲେଖାଶ୍ରୀ ସାମନ୍ତସିଂହାର — ଭୋଟ୍: ୪୧୬୭୦୯

ମୋଟ୍ ଭୋଟର ୧୫୮୭୫୮୨

ଲୋକସଭା ଆସନ: ବାଲେଶ୍ୱର — ଚତୁର୍ଥ ପର୍ଯ୍ୟାୟ ଜୁନ ୦୧ — ବିଧାନସଭା ଆସନ: ବଡ଼ସାହି, ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲେଶ୍ୱର, ରେମୁଣା, ନୀଳଗିରି

| ବିଧାନସଭା ଆସନ | ବିଜେତା | ଭୋଟ୍ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଭୋଟ୍ |
|---|---|---|---|---|
| ବଡ଼ସାହି | ସନାତନ ବିଜୁଳି | ୮୩୨୭୬ | ଅନୁସୂୟା ପାତ୍ର | ୪୫୮୮୯ |
| ଜଳେଶ୍ୱର | ଅଶ୍ୱିନୀ କୁମାର ପାତ୍ର | ୮୩୧୦୫ | ବ୍ରଜମୋହନ ପ୍ରଧାନ | ୮୨୭୮୬ |
| ଭୋଗରାଇ | ଗୌତମ ବୁଦ୍ଧ ଦାସ | ୭୦୧୯୮ | ସତ୍ୟ ଶିବ ଦାସ | ୬୩୬୩୪ |
| ବସ୍ତା | ସୁଭାଷିନୀ ଜେନା | ୮୩୩୧୪ | ବିଜନ ନାୟକ | ୬୨୯୩୭ |
| ବାଲେଶ୍ୱର | ମାନସ କୁମାର ଦତ୍ତ | ୮୯୩୬୦ | ସ୍ୱରୂପ କୁମାର ଦାଶ | ୬୦୭୩୪ |
| ରେମୁଣା | ଗୋବିନ୍ଦ ଚନ୍ଦ୍ର ଦାଶ | ୯୨୬୬୦ | ବିଦ୍ୟାସ୍ମିତା ମହାଲିକ | ୬୮୪୫୨ |
| ନୀଳଗିରି | ସନ୍ତୋଷ ଖଟୁଆ | ୮୭୯୨୮ | ସୁକାନ୍ତ କୁମାର ନାଏକ | ୬୮୦୮୯ |

### ଭଦ୍ରକ

ବିଜେତା: ଅଭିମନ୍ୟୁ ସେଠୀ — ଭୋଟ୍: ୫୭୩୩୧୯

ନିକଟତମ ପ୍ରତିଦ୍ୱନ୍ଦ୍ୱୀ: ମଞ୍ଜୁଲତା ମଣ୍ଡଳ — ଭୋଟ୍: ୪୮୧୭୭୫

ମୋଟ୍ ଭୋଟର ୧୭୪୨୨୮୭

ଲୋକସଭା ଆସନ: ଭଦ୍ରକ — ଚତୁର୍ଥ ପର୍ଯ୍ୟାୟ ଜୁନ ୦୧ — ବିଧାନସଭା ଆସନ: ସୋର, ସିମୁଳିଆ, ଭଣ୍ଡାରିପୋଖରୀ, ଭଦ୍ରକ, ବାସୁଦେବପୁର, ଧାମନଗର, ଚାନ୍ଦବାଲି

| ବିଧାନସଭା ଆସନ | ବିଜେତା | ଭୋଟ୍ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଭୋଟ୍ |
|---|---|---|---|---|
| ସୋର | ମାଧବ ଧଡ଼ା | ୬୩୬୪୨ | ପର୍ଶୁରାମ ଧଡ଼ା | ୬୨୮୪୦ |
| ସିମୁଳିଆ | ପଦ୍ମଲୋଚନ ପଣ୍ଡା | ୯୦୭୭୬ | ସୁଭାଷିନୀ ସାହୁ | ୭୭୪୯୩ |
| ଭଣ୍ଡାରିପୋଖରୀ | ସଂଜୀବ କୁମାର ମଲ୍ଲିକ | ୭୨୪୪୭ | ନିରଞ୍ଜନ ପଟ୍ଟନାୟକ | ୭୦୮୯୬ |
| ଭଦ୍ରକ | ସିତାଂଶୁ ଶେଖର ମହାପାତ୍ର | ୮୨୨୮୨ | ପ୍ରଫୁଲ୍ଲ ସାମଲ | ୬୬୨୧୪ |
| ବାସୁଦେବପୁର | ଅଶୋକ କୁମାର ଦାଶ | ୭୭୮୪୩ | ବିଷ୍ଣୁବ୍ରତ ରାଉତରାୟ | ୭୭୨୧୨ |
| ଧାମନଗର | ସୂର୍ଯ୍ୟବଂଶୀ ସୂରଜ | ୯୦୫୫୫ | ସଞ୍ଜୟ କୁମାର ଦାସ | ୮୨୪୬୦ |
| ଚାନ୍ଦବାଲି | ବ୍ୟୋମକେଶ ରାୟ | ୮୩୦୬୩ | ମନମୋହନ ସାମଲ | ୮୧୧୪୭ |

### ଯାଜପୁର

ବିଜେତା: ରବି ନାରାୟଣ ବେହେରା — ଭୋଟ୍: ୫୩୦୭୧୫

ନିକଟତମ ପ୍ରତିଦ୍ୱନ୍ଦ୍ୱୀ: ଶର୍ମିଷ୍ଠା ସେଠୀ — ଭୋଟ୍: ୫୩୦୩୮୮

ମୋଟ୍ ଭୋଟର ୧୫୩୦୨୪୦

ଅଘୋଷିତ

ଲୋକସଭା ଆସନ: ଯାଜପୁର — ଚତୁର୍ଥ ପର୍ଯ୍ୟାୟ ଜୁନ ୦୧ — ବିଧାନସଭା ଆସନ: ବିଞ୍ଝାରପୁର, ବରୀ, ବଡ଼ଚଣା, ଧର୍ମଶାଳା, ଯାଜପୁର, କୋରେଇ, ସୁକିନ୍ଦା

| ବିଧାନସଭା ଆସନ | ବିଜେତା | ଭୋଟ୍ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଭୋଟ୍ |
|---|---|---|---|---|
| ବିଞ୍ଝାରପୁର | ପ୍ରମିଳା ମଲ୍ଲିକ | ୭୪୧୮୫ | ବବିତା ମଲ୍ଲିକ | ୭୨୩୨୯ |
| ବରୀ | ବିଶ୍ୱ ରଞ୍ଜନ ମଲ୍ଲିକ | ୧୦୧୯୬୬ | ଉମେଶ ଚନ୍ଦ୍ର ଜେନା | ୫୦୫୦୧ |
| ବଡ଼ଚଣା | ଅମର କୁମାର ନାୟକ | ୭୧୯୨୬ | ବର୍ଷା ପ୍ରିୟଦର୍ଶିନୀ | ୬୫୬୧୬ |
| ଧର୍ମଶାଳା | ହିମାଂଶୁ ଶେଖର ସାହୁ | ୭୯୭୫୯ | ପ୍ରଣବ କୁମାର ବଳବନ୍ତରାୟ | ୭୫୬୦୯ |
| ଯାଜପୁର | ସୁଜାତା ସାହୁ | ୮୬୦୪୯ | ଗୌତମ ରାୟ | ୮୩୪୮୫ |
| କୋରେଇ | ଆକାଶ ଦାସନାୟକ | ୭୯୬୫୮ | ସନ୍ଧ୍ୟାରାଣୀ ଦାସ | ୭୪୦୧୨ |
| ସୁକିନ୍ଦା | ପ୍ରଦୀପ ବଳ ସାମନ୍ତ | ୮୬୨୪୪ | ପ୍ରୀତିରଞ୍ଜନ ଘଡ଼ାଇ | ୭୬୭୪୮ |

### କେନ୍ଦ୍ରାପଡ଼ା

ବିଜେତା: ବୈଜୟନ୍ତ ପଣ୍ଡା — ଭୋଟ୍: ୬୧୫୭୦୫

ନିକଟତମ ପ୍ରତିଦ୍ୱନ୍ଦ୍ୱୀ: ଅଂଶୁମାନ ମହାନ୍ତି — ଭୋଟ୍: ୫୪୯୧୬୯

ମୋଟ୍ ଭୋଟର ୧୭୭୦୦୦୮

ଲୋକସଭା ଆସନ: କେନ୍ଦ୍ରାପଡ଼ା — ଚତୁର୍ଥ ପର୍ଯ୍ୟାୟ ଜୁନ ୦୧ — ବିଧାନସଭା ଆସନ: ସାଲେପୁର, ମାହାଙ୍ଗା, ପାଟକୁରା, କେନ୍ଦ୍ରାପଡ଼ା, ଆଳି, ରାଜନଗର, ମହାକାଳପଡ଼ା

| ବିଧାନସଭା ଆସନ | ବିଜେତା | ଭୋଟ୍ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଭୋଟ୍ |
|---|---|---|---|---|
| ସାଲେପୁର | ପ୍ରଶାନ୍ତ ବେହେରା | ୮୭୭୦୧ | ଅରିନ୍ଦମ ରାୟ | ୮୦୧୦୭ |
| ମାହାଙ୍ଗା | ସାରଦା ପ୍ରସାଦ ପ୍ରଧାନ | ୮୮୬୩୨ | ଅଙ୍କିତ ପ୍ରତାପ ଜେନା | ୮୧୨୦୯ |
| ପାଟକୁରା | ଅରବିନ୍ଦ ମହାପାତ୍ର | ୯୦୯୦୫ | ତେଜେଶ୍ୱର ପରିଡ଼ା | ୭୭୦୮୩ |
| କେନ୍ଦ୍ରାପଡ଼ା | ଗଣେଶ୍ୱର ବେହେରା | ୯୦୧୭୩ | ଗୀତାଞ୍ଜଳି ସେଠୀ | ୫୪୭୫୫ |
| ଆଳି | ପ୍ରତାପ କେଶରୀ ଦେବ | ୭୩୬୭୮ | ଦେବସ୍ମିତା ଶର୍ମା | ୫୪୦୫୦ |
| ରାଜନଗର | ଧ୍ରୁବଚରଣ ସାହୁ | ୮୧୩୩୭ | ଲଳିତ କୁମାର ବେହେରା | ୬୨୯୯୬ |
| ମହାକାଳପଡ଼ା | ଦୁର୍ଗା ପ୍ରସନ୍ନ ନାୟକ | ୧୦୯୬୫୩ | ଅତନୁ ସବ୍ୟସାଚୀ ନାୟକ | ୭୬୧୨୭ |

### ଜଗତସିଂହପୁର

ବିଜେତା: ବିଭୂପ୍ରସାଦ ତରାଇ — ଭୋଟ୍: ୫୮୯୦୯୩

ନିକଟତମ ପ୍ରତିଦ୍ୱନ୍ଦ୍ୱୀ: ଡ. ରାଜଶ୍ରୀ ମଲ୍ଲୀକ — ଭୋଟ୍: ୫୪୮୩୯୭

ମୋଟ୍ ଭୋଟର ୧୬୭୯୧୮୦

ଲୋକସଭା ଆସନ: ଜଗତସିଂହପୁର — ଚତୁର୍ଥ ପର୍ଯ୍ୟାୟ ଜୁନ ୦୧ — ବିଧାନସଭା ଆସନ: ନିଆଳି, ପାରାଦୀପ, ତିର୍ତ୍ତୋଲ, ବାଲିକୁଦା-ଏରସମା, ଜଗତସିଂହପୁର, କାକଟପୁର, ନିମାପଡ଼ା

| ବିଧାନସଭା ଆସନ | ବିଜେତା | ଭୋଟ୍ | ନିକଟତମ ପ୍ରତିଦ୍ୱନ୍ଦ୍ୱୀ | ଭୋଟ୍ |
|---|---|---|---|---|
| ନିଆଳି | ଛବି ମଲ୍ଲିକ | ୯୦୧୯୧ | ଡ. ପ୍ରମୋଦ କୁମାର ମଲ୍ଲିକ | ୮୮୭୩୯ |
| ପାରାଦୀପ | ସମ୍ପଦ ଚନ୍ଦ୍ର ସ୍ୱାଇଁ | ୮୪୫୧୮ | ଗୀତାଞ୍ଜଳି ରାଉତରାୟ | ୬୮୭୩୧ |
| ତିର୍ତ୍ତୋଲ | ରମାକାନ୍ତ ଭୋଇ | ୮୩୭୪୦ | ରାଜକିଶୋର ବେହେରା | ୫୫୨୪୫ |
| ବାଲିକୁଦା-ଏରସମା | ସାରଦା ପ୍ରସନ୍ନ ଜେନା | ୯୩୫୧୭ | ସତ୍ୟ ସାରଥୀ ମହାନ୍ତି | ୬୬୫୫୮ |
| ଜଗତସିଂହପୁର | ଅମରେନ୍ଦ୍ର ଦାସ | ୯୨୫୫୫ | ପ୍ରଶାନ୍ତ କୁମାର ମୁଦୁଲି | ୭୦୪୧୭ |
| କାକଟପୁର | ତୁଷାରକାନ୍ତି ବେହେରା | ୮୪୦୧୦ | ବାଇଧର ମଲ୍ଲିକ | ୬୦୮୫୯ |
| ନିମାପଡ଼ା | ପ୍ରଭାତୀ ପରିଡ଼ା | ୯୫୪୩୦ | ଦିଲ୍ଲୀପ କୁମାର ନାୟକ | ୯୦୮୪୨ |

(ବି.ଦ୍ର: ପ୍ରାଥମିକ ସୂତ୍ରରୁ ମିଳିଥିବା ତଥ୍ୟ ଆଧାରିତ ରିପୋର୍ଟ । ନିର୍ବାଚନ କମିସନଙ୍କ ଦ୍ୱାରା ଫଳାଫଳ ଘୋଷଣା ପରେ ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ ପାଇବ ।)

# ଭୋଟ ଗଣତି ପାଇଁ ସାରା ଦିନ ଉତ୍ସାହ

**ସୋନପୁର, ୪।୬(ସମିସ)**

ସୋନପୁର ଏବଂ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳିର ଭୋଟ ଗଣତି କାର୍ଯ୍ୟ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ଠିକ୍ ୮ଟାରେ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସୋନପୁର କଲେଜରେ ଏବଂ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ପାଇଁ ବୀରମହାରାଜପୁର କଲେଜରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ଉଭୟ ଭୋଟ ଗଣତି କେନ୍ଦ୍ରରେ ସାରା ଦିନ ଉତ୍ସାହ ଲାଗି ରହିଥିଲା। ଜନସାଧାରଣ ଖୁବ୍ ଉତ୍ସାହର ସହ ସମସ୍ତ ରାଉଣ୍ଡର ଫଳାଫଳକୁ ଅପେକ୍ଷା କରି ରହୁଥିଲେ। ଡାକବାଜି ଯନ୍ତ୍ରରେ ଘୋଷଣା ହେବା କ୍ଷଣି ଫଳାଫଳକୁ ଟିପି ଦଳ ତଥା ନେତାମାନଙ୍କ ଶୁଭେଚ୍ଛୁଙ୍କୁ ଜଣାଉଥିଲେ। ଉଭୟ ଭୋଟ ଗଣତି କେନ୍ଦ୍ରରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭୋଟ ଗଣତି କେନ୍ଦ୍ରଗୁଡିକୁ ପୁଲିସ୍ ବାହିନୀ ଜଗି ରହିଥିଲେ। ଜିଲ୍ଲାପାଳ, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଉଭୟ ଉପଜିଲ୍ଲାପାଳ ଭୋଟ ଗଣତିରେ ଉପସ୍ଥିତ ରହି ଭୋଟ ଗଣତିର ତତ୍ତ୍ୱାବଧାନ କରୁଥିଲେ।

# ବୌଦ୍ଧରୁ ସରୋଜ ପ୍ରଧାନ ବିଜୟୀ

**ବୌଦ୍ଧ, ୪।୬(ସମିସ):** ବୌଦ୍ଧ ବିଧାୟକ ଭାବେ ବିଜେପିର ସରୋଜ ପ୍ରଧାନ ବିଜୟୀ ହୋଇଛନ୍ତି। ଏଠାରୁ ବିଜେଡି ପାର୍ଥୀ ପ୍ରଦୀପ ଅମାତଙ୍କୁ ୫୯୪୦୯ ଭୋଟ ମିଳିଥିବା ବେଳେ ସରୋଜ ୭୨୧୧୧ ଭୋଟ ପାଇଥିଲେ। ତୃତୀୟ ସ୍ଥାନରେ କଂଗ୍ରେସର ନବ ମିଶ୍ର ୯୪୨୮ ଖଣ୍ଡ ଭୋଟ ପାଇ ଶାନ୍ତି ହେବାକୁ ପଡ଼ିଛି। ତେବେ ସରୋଜଙ୍କୁ ଦଳୀୟ ନେତା ଓ ଶହ ଶହ କର୍ମୀ ପୁଷ୍ପ ଗୁଚ୍ଛ ଶହ ମିଠା ଖୁଆଇ ଶୁଭେଚ୍ଛା ଜଣାଇଛନ୍ତି। ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନକୁ ଯାଇ ସେ ଲୋକଙ୍କ ଆଶୀର୍ବାଦ ନେବା ସହ କୃତଜ୍ଞତା ଜଣାଇଛନ୍ତି।




● ବାପାଙ୍କୁ ପ୍ରତ୍ୟାଖ୍ୟାନ, ପୁଅଙ୍କୁ ସ୍ୱାଗତ

# ଭବାନୀପାଟଣାରୁ ସାଗର ଦାସ ବିଜୟୀ

**ଭବାନୀପାଟଣା, ୪।୬(ସମିସ):** ଭବାନୀପାଟଣାରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ସାଗର ଚରଣ ଦାସ ବିଜୟୀ ହୋଇଛନ୍ତି। ଭବାନୀପାଟଣା ସଂରକ୍ଷିତ ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଶ୍ରୀ ଠାକୁର ୫୮୪, ସ୍ୱାଧୀନ ପ୍ରାର୍ଥୀ ରମେଶ ମହାନନ୍ଦ ୫୭୨ ଓ ଛାୟାକାନ୍ତି ଖମାରୀ ୩୭୯ ଖଣ୍ଡ ଭୋଟ ପାଇଛନ୍ତି। ନୋଟାକୁ ୧୪୬୯ ଖଣ୍ଡ ଭୋଟ ପଡ଼ିଛି। ସାଗର ନିର୍ବାଚିତ ହେବାପରେ



ଦାସ ୬୭, ୦୮୫ ଭୋଟ ପିଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ପ୍ରଦୀପ୍ତ ନାୟକଙ୍କୁ ୫୩୩୩୪ ଭୋଟ ମିଳିଛି। ଶ୍ରୀ ଦାସ ୧୩୭୪୧ ଭୋଟରେ ଶ୍ରୀ ନାଏକଙ୍କୁ ପରାଜିତ କରିଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ୧୧ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଏଠାରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ବିଜେଡିର ଲଳିତା ନାଏକଙ୍କୁ ୫୦୮୯୭, ସ୍ୱାଧୀନ ପ୍ରାର୍ଥୀ ରୋହିତ ଦୁର୍ଗା ୧୪୩୫, ଆମ ଆଦମୀ ପାର୍ଟିର ରମେଶ ମାଝୀ ୧୧୯୪, ବହୁଜନ ସମାଜ ପାର୍ଟିର ସୁଗ୍ରୀବ ଦୀପ ୧୧୭୬, ସ୍ୱାଧୀନ ପ୍ରାର୍ଥୀ ସଞ୍ଜୟ ସୁନାନୀ ୬୬୮, ମହେନ୍ଦ୍ର ଧଙ୍ଗଡ଼ାମାଝୀ ୬୧୭, ସମାଜବାଦୀ ପାର୍ଟିର ଦୁର୍ଯ୍ୟୋଧନ ସ୍ଥାନୀୟ କର୍ମୀଙ୍କ ଦ୍ୱାରା ଭବାନୀପାଟଣା ସହରରେ ବିଜୟ ଶୋଭାଯାତ୍ରା ପାଳିତ ହୋଇଛି। ଭବାନୀପାଟଣା ବିଧାନସଭା ନିର୍ବାଚନମଣ୍ଡଳୀର ବିକାଶ ହିଁ ଏକମାତ୍ର ଲକ୍ଷ ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି। ପ୍ରକାଶଥାଉକି ସାଗରଙ୍କ ବାପା ଜାତୀୟସ୍ତରର କଂଗ୍ରେସର ନେତା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଓ ଚଳିତ ନିର୍ବାଚନରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ଭାବେ ଠିଆ ହୋଇ ବିଜେଡିର ମନୋରମା ମହାନ୍ତିଙ୍କ ଠାରୁ ପରାଜୟ ବରଣ କରିଛନ୍ତି।

## ବିଜେଡି ହାତରେ ଲାଞ୍ଜିଗଡ଼ ବିଧାନସଭା ଆସନ

# ବିଧାୟକ ପ୍ରଦୀପ ଦିଶାରୀଙ୍କ ପୁନଃ ଗଡ଼ ଦଖଲ





**ଲାଞ୍ଜିଗଡ଼, ୪।୬(ସମିସ)**

ଲାଞ୍ଜିଗଡ଼ ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ପ୍ରଦୀପ କୁମାର ଦିଶାରୀ କ୍ରମାଗତ ଦ୍ୱିତୀୟ ଥର ପାଇଁ ବିଜୟୀ ହୋଇଛନ୍ତି। ଶ୍ରୀ ଦିଶାରୀ ୬୦୨୫୪ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ବଳଭଦ୍ର ମାଝୀଙ୍କୁ ୫୩୭୫୩ ଭୋଟ ମିଳିଛି। ଶ୍ରୀ ଦିଶାରୀଙ୍କ ବିଜୟ ବ୍ୟବଧାନ ୬୫୦୧। ଏଠାରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ଦେଖିବାକୁ ମିଳିଛି। ଏହି ଆସନ ପାଇଁ ୮ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ୨୩ ରାଉଣ୍ଡ ଭୋଟ ଗଣତିରେ ଆରମ୍ଭରୁ ବିଜେଡି ଏବଂ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିଥିଲା। ବିଜେପିର ରମେଶ ମାଝୀ ୪୯୧୧୩ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ବହୁଜନ ସମାଜ ପାର୍ଟିର ମୋହନ ସିଂହ ମାଝୀ ୨୪୯୮, ସ୍ୱାଧୀନ ଫୁଲମେ ମାଝୀ ୨୦୬୫, ସୁରେଶ ମାଝୀ ୧୯୧୭, ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକର ଉଦ୍ଧବ ନାଏକ ୧୬୨୯ ଓ ସମାଜବାଦୀ ପାର୍ଟିର ରାକ୍ଷୀ ନାଏକଙ୍କୁ ୧୪୧୬ ଭୋଟ ମିଳିଛି। ନୋଟାରେ ୪୧୨୩ ଖଣ୍ଡ ଭୋଟ ପଡ଼ିଛି। ଶ୍ରୀ ଦିଶାରୀଙ୍କ ବିଜୟ ପରେ ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳରେ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଦଳୀୟ ସମର୍ଥକମାନେ ପରସ୍ପର ମିଠା ବାଣ୍ଟି ଖୁସି ମନାଉଥିବା ବେଳେ ବାଜାବାଣ ହୋଲି ଖେଳ ସହିତ ଉତ୍ସବ ମନାଇଛନ୍ତି।

## ଗଡ଼ ରଖିଲେ ନିରଞ୍ଜନ



**ସୋନପୁର, ୪।୬(ସମିସ):** ସୁବର୍ଣ୍ଣପୁର ବିଧାନସଭା ଆସନ ପୁଣି ବିଜେଡିକୁ ମିଳିଛି। ନିରଞ୍ଜନ ପୂଜାରୀ ପୁଣି ନିଜର ଗଡ଼ ରକ୍ଷା କରି ପାରିଛନ୍ତି। ଶ୍ରୀ ପୂଜାରୀ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ପ୍ରମୋଦ ମହାପାତ୍ରଙ୍କୁ ୧୫୨୩୯ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ନିରଞ୍ଜନଙ୍କୁ ୯୮୨୦୨ ଖଣ୍ଡ ଭୋଟ ମିଳିଥିବା ବେଳେ ପ୍ରମୋଦଙ୍କୁ ୮୨୯୬୩ ଖଣ୍ଡ ଭୋଟ ମିଳିଛି। ସେହିପରି କଂଗ୍ରେସ ପ୍ରାର୍ଥୀ ପ୍ରିୟବ୍ରତ ସାହୁଙ୍କୁ ୨୦୫୦୮ ଖଣ୍ଡ ଭୋଟ ମିଳିଛି।

## ବୀରମହାରାଜପୁରରୁ ରଘୁନାଥ ଜଗଦଳା ବିଜୟୀ

**ବୀରମହାରାଜପୁର, ୪।୬(ସମିସ):** ବୀରମହାରାଜପୁର ବିଧାୟକ ଭାବେ ବିଜେପିର ରଘୁନାଥ ଜଗଦଳା ବିଜୟୀ ହୋଇଛନ୍ତି। ଶ୍ରୀ ଜଗଦଳା ୮୫୬୮୦ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡ଼ିର ପଦ୍ମନାଭ ବେହେରା ୬୩୭୪୭ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ସେଠୀ ୨୨୪୯୬ ଖଣ୍ଡ ଭୋଟ ପାଇଛନ୍ତି। ଆଶ୍ରୟ ମହାନନ୍ଦ (ସ୍ୱାଧୀନ) ୧୦୧୭, ଦୟାସାଗର ମହାନନ୍ଦ ୭୮୩, ପୂର୍ଣ୍ଣ ଲୁହା ୬୧୬, ବହୁଜନ ସମାଜପାର୍ଟିର ରାଧାକାନ୍ତ ତାଣ୍ଡି ୧୮୩୨ ଖଣ୍ଡ ଭୋଟ ପାଇଥିଲେ। ନୋଟାରେ ୧୫୫୩ ଖଣ୍ଡ ଭୋଟ ପଡ଼ିଥିଲା।

## କନ୍ଧମାଳରୁ କହ୍ନେଇ ଚରଣ ଡାଙ୍ଗ ବିଜୟୀ



**ମନମୁଣ୍ଡା/ଶଗଡ଼ା, ୪।୬(ସମିସ):** କନ୍ଧମାଳ ବିଧାୟକ ଭାବେ ବିଜେପିର କହ୍ନେଇ ଚରଣ ଡାଙ୍ଗ ବିଜୟୀ ହୋଇଛନ୍ତି। ଶ୍ରୀ ଡ଼ାଙ୍ଗ ୬୮୩୫୬ ଭୋଟ ପାଇଥିବାବେଳେ ବିଜେଡି ପ୍ରାର୍ଥୀ ମହୀଧର ରଣା ୬୧୨୦୭ ଭୋଟ ପାଇଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ସରୋଜ ପ୍ରଧାନ ୭୬୯୪, ସ୍ୱାଧୀନ ପ୍ରାର୍ଥୀ ସୁଧାଂଶୁ ଡାଙ୍ଗ ୧୦୨୪, ମାନସ ଲୋକ ଶକ୍ତି ଦଳ ପ୍ରାର୍ଥୀ କୁଞ୍ଜ ବିହାରୀ ସିଂହ ୯୫୪, ସ୍ୱାଧୀନ ପ୍ରାର୍ଥୀ ସତ୍ୟବ୍ରତ ସାହୁ ୯୪୧ ଖଣ୍ଡ ଭୋଟ ପାଇଥିବାବେଳେ ନୋଟାରେ ୩୯୧ ଖଣ୍ଡ ଭୋଟ ପଡ଼ିଥିଲା।

## ସାମ୍ବାଦିକଙ୍କ ଘରୁ ନାଗ ଉଦ୍ଧାର



**ମନମୁଣ୍ଡା, ୪।୬(ସମିସ):** ମନମୁଣ୍ଡା 'ସକାଳ' ପ୍ରତିନିଧି ବୈଦ୍ୟନାଥ ହୋତାଙ୍କ ଘରୁ ମଙ୍ଗଳବାର ରାତି ପ୍ରାୟ ୭.୩୦ରେ ଏକ ୪ ଫୁଟ ଲମ୍ବର ନାଗ ସାପ ଉଦ୍ଧାର କରାଯାଇଛି। ସାପଟି ଦାଣ୍ଡରୁ ଘରକୁ ପଶି ଆସିଥିବା ଜଣେ ପଡୋଶୀଙ୍କଠାରୁ ଜାଣିବାକୁ ପାଇ ଶ୍ରୀ ହୋତା ସାପ ଧରାଳି ବାସୁ ମେହେର (ବାସୁଦେବପାଲି)ଙ୍କୁ ଖବର ଦେଇଥିଲେ। ଶ୍ରୀ ହୋତା ଆସି ଘରୁ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିଲେ।

## ଉଚ୍ଚଶିକ୍ଷା ପାଇଁ ଅର୍ଥ ସାଜିଛି ବାଧକ



**ଶଗଡ଼ା, ୪।୬(ସମିସ):** କନ୍ଧମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ଶ୍ରୀମାଳ ଗ୍ରାମ ତଥା ପଞ୍ଚାୟତ କଲେଜର ଛାତ୍ରୀ ଝିଲିରାଣୀ ବେହେରାଙ୍କ ଉଚ୍ଚଶିକ୍ଷାରେ ଟଙ୍କା ଅଭାବ ବାଧକ ସାଜିଛି। ଚଳିତ ବର୍ଷ ସେ +୨ କଳା ପରୀକ୍ଷାରେ ୫୧୧ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ବାପା ଆଦିତ୍ୟ ବେହେରା ମାଛ ଧରି ବିକିବା ସହ ସହ କୁଲି ମଜୁରୀ କରି ପରିବାର ଚଳାନ୍ତି। ଏଣୁ ଝିଅକୁ ଉଚ୍ଚଶିକ୍ଷିତ କରିବା ପାଇଁ ଆଦିତ୍ୟଙ୍କ ପକ୍ଷେ ସମ୍ଭବ ହେଉନି। ଏଣୁ ଝିଲିଙ୍କ ଉଚ୍ଚଶିକ୍ଷାରେ ଡୋରି ବନ୍ଧା ହେବାକୁ ବସିଛି। ପ୍ରଶାସନ କିମ୍ବା କୌଣସି ସହୃଦୟ ବ୍ୟକ୍ତି ସହଯୋଗ କଲେ ଉଚ୍ଚଶିକ୍ଷା ସମ୍ଭବ ହୋଇପାରନ୍ତା ବୋଲି ଝିଲି ଓ ତାଙ୍କ ବାପା ଆଦିତ୍ୟ କହିଛନ୍ତି।

# ବଲାଙ୍ଗିର ଜିଲ୍ଲାରେ ବିଜେପିର ଉତ୍ତମ ପ୍ରଦର୍ଶନ

## ସଦର ବିଧାନସଭା ଆସନରେ ବିଜେଡି ବିଜୟୀ







**ବଲାଙ୍ଗିର, ୪।୬(ସମିସ)**

ସରିଲା ଭୋଟ ଗଣତି। ଜିଲ୍ଲାର ପାଞ୍ଚ ବିଧାନସଭାର ଗଣତି ତିନୋଟି ଭୋଟ ଗଣତି କେନ୍ଦ୍ରରେ କରାଯାଇଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ବଲାଙ୍ଗିର ସଦର ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିବାବେଳେ ଟିଟିଲାଗଡ଼, କଣ୍ଟାବାଞ୍ଜିରେ ବିଜେପି ଭଲ ବ୍ୟବଧାନରେ ବିଜୟ ଲାଭ କରିଛି। ଲୋଇସିଂହା ଓ ପାଟଣାଗଡ଼ ଆସନରେ ଭୋଟ ଗଣତି ଜାରି ରହିଥିବାବେଳେ ବିଜେପି ଆଗୁଆ ରହିଛି। ସେହିପରି ବଲାଙ୍ଗିର ଲୋକସଭା ଆସନରେ ବି ବିଜେପି ଭଲ ପ୍ରଦର୍ଶନ କରିଥିବାବେଳେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ଆଗୁଆ ରହିଥିବା ଜଣାପଡ଼ିଛି।

ସୂଚନା ଅନୁସାରେ ବଲାଙ୍ଗିର ଲୋକସଭା ନିର୍ବାଚନମଣ୍ଡଳୀ ବଲାଙ୍ଗିର ଓ ସୋନପୁର ଜିଲ୍ଲାକୁ ନେଇ ଗଠନ କରାଯାଇଛି। ଏହି ଆସନରେ ବିଜେପି ଦଳରୁ ସଙ୍ଗିତା କୁମାରୀ ସିଂହଦେଓ, ବିଜେଡିରୁ ସୁରେନ୍ଦ୍ର ସିଂ ଭୋଇ ଓ କଂଗ୍ରେସରୁ ମନୋଜ ମିଶ୍ର ନିର୍ବାଚନ ଲଢ଼ିଥିଲେ। ମଙ୍ଗଳବାର ଭୋଟ ଗଣତି କରାଯାଇଥିବାବେଳେ ବିଜେପି ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂହଦେଓ ବିଜୟୀ ହେବା ନିଶ୍ଚିତ ହୋଇଛି। ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କଠାରୁ ପ୍ରାୟ ୧ ଲକ୍ଷ ୧୦ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ଆଗୁଆ ରହିବା ସହ ବିଜୟ ଏକ ପ୍ରକାର ନିଶ୍ଚିତ କରିସାରିଛନ୍ତି। ବଲାଙ୍ଗିର ସଦର ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓ ବିଜୟୀ ହୋଇଛନ୍ତି। ଏହି ଆସନରେ କଳିକେଶ ୮୪ ହଜାର ୮୬୭ ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ସମରେନ୍ଦ୍ର ମିଶ୍ର ୭୧ ହଜାର ୪୧୭ ଭୋଟ ପାଇଥିଲେ। ସେହିପରି ବିଜେପି ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ ୨୪ହଜାର ୩୩୧ ଭୋଟ ପାଇଥିଲେ। ସେହିପରି କଣ୍ଟାବାଞ୍ଜି ବିଧାନସଭା ଆସନରେ ବିଜେପି ପ୍ରାର୍ଥୀ ଲକ୍ଷ୍ମଣ ବାଗ ଆଗୁଆ ରହିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ୨୬ ରାଉଣ୍ଡ ଗଣତି ସରିଥିବାବେଳେ ବିଜେପି ୮୪ହଜାର ୨୦୬ ଭୋଟ ପାଇଥିବା ବେଳେ ବିଜେଡି ପ୍ରାର୍ଥୀ ୬୯ ହଜାର ୧୧୩ ଭୋଟ ପାଇଥିଲେ। ସେହିପରି ପାଟଣାଗଡ଼ ବିଧାନସଭା ଆସନରେ ୨୩ ରାଉଣ୍ଡର ଗଣତି ସରିଥିବା ବେଳେ ଏହି ଆସନରେ ବିଜେପି ଆଗୁଆ ରହିଛି। ବିଜେପି ପ୍ରାର୍ଥୀ କନକବର୍ଦ୍ଧନ ସିଂହଦେଓ ୮୬ ହଜାର ୩୫୩ ଭୋଟ ପାଇଥିବା ବେଳେ ବିଜେଡି ପ୍ରାର୍ଥୀ ୮୫ ହଜାର ୩୧୬ ଭୋଟ ପାଇଛନ୍ତି। ଅନ୍ୟପକ୍ଷରେ ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେପି ବଡ଼ ବ୍ୟବଧାନରେ ବାଜିମାତ କରିଛି। ଏହି ଆସନରେ ବିଜେପି ପ୍ରାର୍ଥୀ ନବୀନ ଜୈନ ୯୭ ହଜାର ୮୫୪ ଭୋଟ ପାଇଥିବା ବେଳେ ବିଜେଡି ପ୍ରାର୍ଥି ଟୁକୁନୀ ସାହୁ ୮୦ ହଜାର ୪୫୫ ଭୋଟ ପାଇଥିଲେ। କଂଗ୍ରେସ ପ୍ରାର୍ଥି ୧୭ ହଜାର ୮୯୫ ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥି ଶ୍ରୀ ଜୈନ ୧୭ ହଜାର ୩୯୯ ଭୋଟରେ ବିଜୟୀ ହୋଇଛନ୍ତି। ଲୋଇସିଂହା ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ ଗଣତି ଶେଷ ହୋଇନଥିବା ବେଳେ ୨୩ ରାଉଣ୍ଡ ସୁଦ୍ଧା ବିଜେପି ପ୍ରାର୍ଥୀ ମୁକେଶ ମହାଲିଙ୍ଗ ବିଜୟୀ ହୋଇଛନ୍ତି। ସେ ୬୮ ହଜାର ୧୨୯ ଭୋଟ ପାଇଥିବାବେଳେ ବିଜେଡି ପ୍ରାର୍ଥୀ





୪୯ ହଜାର ୩୭୬ ଭୋଟ ପାଇଥିବା ଜଣାପଡ଼ିଛି। ସେହିପରି କଂଗ୍ରେସ ୨୩ ହଜାର ୬୧୨ ଭୋଟ ପାଇଥିବା ବେଳେ ବିଜେପି ଜିତିବାର ସମ୍ଭାବନା ଅଧିକ ରହିଛି।

## କଳିକେଶଙ୍କ ବିଜୟରେ ଖୁସି ମନାଇଲେ ସମର୍ଥକ

ବଲାଙ୍ଗିର ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ବାଜିମାତ କରିଥିବାବେଳେ ବଲାଙ୍ଗିର ସହରରେ ବିଜେଡି ସମର୍ଥକମାନେ ବେଶ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓ ପ୍ରାୟ ୧୩ ହଜାରରୁ ଊର୍ଦ୍ଧ୍ୱ ଭୋଟରେ କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ରଙ୍କୁ ହରାଇଥିବାବେଳେ ସଦର ନିର୍ବାଚନମଣ୍ଡଳୀ ରେ ଉତ୍ସବର ମାହୋଲ ଦେଖିବାକୁ ମିଳିଥିଲା। କଳିକେଶ ବିଜୟୀ ହେବାପରେ ଭୋଟ ଗଣତି କେନ୍ଦ୍ରକୁ ଆସିଥିଲେ। ତାଙ୍କୁ ତାଙ୍କ ସମର୍ଥକମାନେ ସ୍ୱାଗତ କରିଥିଲେ। ତେବେ ବିଜୟୀ ହେବାପରେ କଳିକେଶ ଖୁସି ପ୍ରକାଶ କରିବା ସହ ଭୋଟରମାନଙ୍କୁ ଧନ୍ୟବାଦ ଦେଇଥିଲେ।

# ଗାୟତ୍ରୀ ମିଶନର ବ୍ଲକ ସମନ୍ୱୟ କମିଟି ଗଠନ



**ବୌଦ୍ଧ, ୪।୬(ସମିସ):** ବୌଦ୍ଧ ବ୍ଲକ ଜହ୍ନାପଙ୍କ ଗାୟତ୍ରୀ ପ୍ରଜ୍ଞାପୀଠରେ ଗାୟତ୍ରୀ ମିଶନର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଯୋଜକ ପ୍ୟାରୀମୋହନ ଶତପଥୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଗାୟତ୍ରୀ ପରିବାରର ବରିଷ୍ଠ ସଭ୍ୟ ନବୀନ ପ୍ରଧାନ, ନାରାୟଣ ମହାକୁଳ ଓ ପ୍ରମୋଦ ଚାନ୍ଦ ଉପସ୍ଥିତ ଥିଲେ। ତେବେ ବୌଦ୍ଧ ବ୍ଲକର ଗାୟତ୍ରୀ ମିଶନକୁ ତ୍ୱରାନ୍ୱିତ କରିବା ପାଇଁ ନୂତନ ସମନ୍ୱୟ କମିଟି ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ ଶୁଭେନ୍ଦୁ ମହାକୁଡ଼ଙ୍କୁ ବ୍ଲକ ସଂଯୋଜକ, ସତ୍ୟ ନାରାୟଣ ପ୍ରଧାନଙ୍କୁ ସହ ସଂଯୋଜକ, ସ୍ୱାଧୀନ ପ୍ରଧାନଙ୍କୁ ସଂଗଠକ, ବଶିଷ୍ଠ ସାହୁଙ୍କୁ ସହ ସଂଗଠକ, ପରମାନନ୍ଦ ସାହୁଙ୍କୁ ଅର୍ଥ ବିଭାଗ ଏବଂ ନିର୍ମଳ ସାହୁଙ୍କୁ ଗଣମାଧ୍ୟମ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ଦାୟିତ୍ୱ ଚିରଞ୍ଜିବି ପଟ୍ଟନାୟକଙ୍କୁ, ନାରୀ ଜାଗରଣ ଦାୟିତ୍ୱ ସୁଚରିତା ମହାକୁଳଙ୍କୁ, ସପ୍ତାକ୍ରାନ୍ତି ଦାୟିତ୍ୱ ସଦାନନ୍ଦ ମହାକୁଳଙ୍କୁ, ଆସ ଗଢିବା ସଂସ୍କାର ଦାନ ପିଢ଼ି ଦାୟିତ୍ୱ ଚନ୍ଦ୍ରାବତୀ ମେହେରଙ୍କୁ ଓ ଯାଜ୍ଞସେନୀ ବେହେରାଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପବିତ୍ର ପ୍ରଧାନ, ଅନିଲ ମେଶୁଆ, ଭାସ୍କର ଦୋରା, କୈବଲ୍ୟ ପ୍ରଧାନ, ରବି ନାରାୟଣ ବେହେରା, ନିର୍ମଳ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବିପୁଳ ବିୟର ଓ ଦେଶୀ ମଦ ଜବତ

● ଜଣେ ଗିରଫ

**ଶଗଡ଼ା, ୪।୬(ସମିସ):** ଘଣ୍ଟାପଡ଼ା ଥାନା ପ୍ରତିମାଲରୁ କନ୍ଧମାଳ ଅବକାରୀ ବିଭାଗ ଘଣ୍ଟାପଡ଼ା ଥାନା ପ୍ରତିମାଲରୁ ୧୨.୩୫୦ ଲିଟର ବିୟର ସହ ୨୪.୫୦୦ ଲିଟର ଦେଶୀ ମଦ ଜବତ କରିଛି। ଏହି ଘଟଣାରେ ଜଣେ ଗିରଫ ହୋଇଛି। ଅଭିଯୁକ୍ତ ହେଉଛି ପ୍ରତିମାଲ୍ ଗ୍ରାମର ଉଛବ ସାହୁ (୩୮)। ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲିକଙ୍କ ନେତୃତ୍ୱରେ ଏକ ଟିମ୍ ପ୍ରତିମାଲରେ ଚଢଉ କରିଥିଲା।



# ସୁବାସଙ୍କୁ ପରାସ୍ତ କଲେ ରୋମାଞ୍ଚ

ଦେବଗଡ଼, ୪।୬(ସମିସ)

ଦେବଗଡ଼ ବିଧାୟକ ଭାବେ ବିଜେଡିର ରୋମାଞ୍ଚ ରଞ୍ଜନ ବିଶ୍ୱାଳ ବିଜୟୀ ହୋଇଛନ୍ତି। ୧୫ ହଜାର ୭୯୨ ଖଣ୍ଡ ଭୋଟ ବ୍ୟବଧାନରେ ସେ ବରିଷ୍ଠ ବିଜେପି ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀଙ୍କୁ ପରାଜିତ କରିଛନ୍ତି। ୨୦୧୯ ବିଧାନସଭା ନିର୍ବାଚନରେ ସୁବାସ ୭୧୦୬ ଭୋଟ ବ୍ୟବଧାନରେ ରୋମାଞ୍ଚଙ୍କୁ ପରାସ୍ତ କରିଥିଲେ।

୨୦୨୪ ବିଧାନସଭା ନିର୍ବାଚନରେ ଦେବଗଡ଼ ଆସନରୁ ୪ ଦଳୀୟ ଓ ୪ ନିର୍ଦ୍ଦଳୀୟ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ସେଥି ମଧ୍ୟରୁ ରୋମାଞ୍ଚ ସର୍ବାଧିକ ୮୯ହଜାର ୭୪ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ସୁବାସ ୭୩ହଜାର ୨୮୨ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ସେମ ହେମ୍ବ୍ରାମ ୨୮ ହଜାର ୨୭୯ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ପ୍ରାଉଟିଷ୍ଟ ବ୍ଲକ ଅଫ ଇଣ୍ଡିଆର ପ୍ରାର୍ଥୀ ଡୋଳାକାର ଭୋଇ ୯୦୩, ସ୍ୱାଧୀନ ପ୍ରାର୍ଥୀ ଜ୍ୟୋତି ଜୁଲିଆନ ଲାକ୍ରା ୪୫୮, ନିରାକାର ପ୍ରଧାନ ୫୫୬, ପ୍ରମୋଦ ଝାଙ୍କର ୧୪୩୭, ଶ୍ରୀମନ୍ତ ସାହୁ ୧୦୮୬ ଖଣ୍ଡ ଭୋଟ ପାଇଛନ୍ତି। ନୋଟରେ ୨୭୫୪ ଖଣ୍ଡ ଭୋଟ ପଡ଼ିଛି।

ସ୍ଥାନୀୟ ପଲିଟେକନିକରେ କଡ଼ା ପୁଲିସ ସୁରକ୍ଷା ବଳୟ ମଧ୍ୟରେ ମଙ୍ଗଳବାର ସକାଳୁ ଷ୍ଟ୍ରଙ୍ଗ ରୁମ୍‌ରୁ ଇଭିଏମ କଢ଼ାଯାଇ ଭୋଟ ଗଣତି ପ୍ରକୋଷ୍ଠକୁ ନିଆଯାଇଥିଲା। ସେଠାରେ ଦଳୀୟ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ଶାନ୍ତି ଶୃଙ୍ଖଳା ସହ ଭୋଟ ଗଣତି କରାଯାଇଥିଲା। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୋମେଶ ଉପାଧ୍ୟାୟ, ନିର୍ବାଚନ ପର୍ଯ୍ୟବେକ୍ଷକ ସୁରେଶ ଓଲା, ରିଟର୍ଣ୍ଣିଂ ଅଫିସର ତଥା ଉପ ଜିଲ୍ଲାପାଳ ପରୀକ୍ଷିତ ସାହୁଙ୍କ ଉପସ୍ଥିତିରେ ୨୬ ରାଉଣ୍ଡ ଭୋଟ ଗଣତି କରାଯାଇଥିଲା। ଏସ୍‌ପି ଅନୁପମା ଜେମ୍ସଙ୍କ ତତ୍ତ୍ୱାବଧନରେ ସିଆରପିଏଫ, ଜିଲ୍ଲା ପୁଲିସ ସଶସ୍ତ୍ର ବାହିନୀ ସମେତ ଜିଲ୍ଲାର ବିଭିନ୍ନ ଥାନାରୁ ବହୁ ପୁଲିସ ଅଧିକାରୀ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ହୋଇଥିଲେ।





## ଟଙ୍କଧର ତ୍ରିପାଠୀ ଓ ସୁରେଶ ପୂଜାରୀ ବିଜୟୀ

**ଝାରସୁଗୁଡ଼ା, ୪।୬(ସମିସ):** ଝାରସୁଗୁଡ଼ା ଜିଲ୍ଲାର ଦୁଇ ନିର୍ବାଚନ ମଣ୍ଡଳୀରେ ଭୋଟ ଗଣତି ଶେଷ ହୋଇଛି। ଏଥିରେ ବିଜେଡି ପ୍ରାର୍ଥୀ ଦିପାଳୀ ଦାସଙ୍କୁ ପଛରେ ପକାଇ ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ବିଜୟୀ ହୋଇଛନ୍ତି। ସେହିପରି ବ୍ରଜରାଜନଗର ନିର୍ବଚନ ମଣ୍ଡଳୀରେ ମଧ୍ୟ ବିଜେଡିର ଅଳକା ମହାନ୍ତି ଓ ବିଜେପିର ସୁରେଶ ପୂଜାରୀଙ୍କ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିଥିଲା। ୧୯ ରାଉଣ୍ଡ ଶେଷ ଯାଏ ପର୍ଯ୍ୟନ୍ତ ବିଜେଡ଼ି ପ୍ରାର୍ଥୀ ଅଳକା ମହାନ୍ତିଙ୍କୁ ମୋଟ୍ ୫୫୪୧୦ ଭୋଟ ମିଳିଥିବାବେଳେ ବିଜେପି ପ୍ରାର୍ଥୀ ସୁରେଶ ପୂଜାରୀ ୮୧୫୪୨ ଇଭିଏମ ଭୋଟ ମିଳିଥିବା ୬୫୭ ଖଣ୍ଡ ପୋଷ୍ଟାଲ ଭୋଟ ମୋଟ ୮୨୧୯୯ ଖଣ୍ଡ ଭୋଟ ମିଳି ବିଜୟୀ ହୋଇଛନ୍ତି।

### ସାର୍ଟିଫିକେଟ ଗ୍ରହଣ କଲେ

## ପ୍ରତିଟି ଦଳୀୟ କର୍ମୀଙ୍କୁ ଦେଲେ ବିଜୟର ଶ୍ରେୟ



**ଦେବଗଡ଼, ୪।୬(ସମିସ):** ଦେବଗଡ଼ ବିଧାନସଭା ଆସନକୁ ବିଜେଡିର ରୋମାଞ୍ଚ ରଞ୍ଜନ ବିଶ୍ୱାଳ ବିଜେପି ହାତରୁ ଛଡାଇ ଆଣିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ରିଟର୍ଣ୍ଣିଂ ଅଫିସରଙ୍କଠାରୁ ଶ୍ରୀ ବିଶ୍ୱାଳ ବିଜୟ ପ୍ରମାଣ ପତ୍ର ଗ୍ରହଣ କରିଛନ୍ତି। ଏହି ଅବସରରେ ଶ୍ରୀ ବିଶ୍ୱାଳ ଜିଲ୍ଲାର ମା, ମାଉସୀ, ତଥା ଗୁରୁଜନଙ୍କ ଆଶୀର୍ବାଦ ଓ କନିଷ୍ଠଙ୍କ ସ୍ନେହ ପାଇଁ ବିଜୟୀ ହୋଇଥିବା ଦର୍ଶାଇଛନ୍ତି। ଜିଲ୍ଲାର ଉନ୍ନତି ପାଇଁ ସେ ସଦା ସର୍ବଦା ନିଜ ପ୍ରଚେଷ୍ଟା ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି। ଅଳ୍ପ ସମୟ ମଧ୍ୟରେ ପ୍ରତିଟି ଦଳୀୟ କର୍ମୀ ଯେଉଁଭଳି ଭାବେ ନିର୍ବାଚନ ପାଇଁ ପ୍ରସ୍ତୁତି କଲେ ସେଥିପାଇଁ ସେମାନଙ୍କୁ ସେ କୃତଜ୍ଞତା ଜଣାଇବାକୁ ଭୁଲି ନାହାନ୍ତି। ନିଜ ବିଜୟର ସବୁ ଶ୍ରେୟ ସେ ଦଳୀୟ କର୍ମୀଙ୍କୁ ଦେଇଛନ୍ତି।

### ବିଶ୍ୱ ପରିବେଶ ଦିବସ

# ପରିବେଶ ସଚେତନତା ଉପରେ ବେଦାନ୍ତ ଆଲୁମିନିୟମର ପଦକ୍ଷେପ

**ଝାରସୁଗୁଡ଼ା, ୪।୬(ସମିସ):** ବିଶ୍ୱପରିବେଶଦିବସରେ ଭାରତର ସର୍ବବୃହତ ଆଲୁମିନିୟମ ଉଦ୍ୟୋଗ ବେଦାନ୍ତ ଆଲୁମିନିୟମ ଭାରତର ଅଗ୍ରଣୀ ପରାମର୍ଶଦାତା ସଂସ୍ଥା ଆଇଓଆରଏ ଇକୋଲୋଜିକାଲ ସଲ୍ୟୁସନ ସହିତ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛି। ସହଭାଗୀତାର ଅଂଶ ଭାବରେ ବେଦାନ୍ତ ଆଲୁମିନିୟମ ଆଇଓଆରଏ ସହିତ ମିଶି ପରିବେଶ ଓ ପ୍ରକୃତିର ସଂରକ୍ଷଣ ଦିଗରେ କାର୍ଯ୍ୟ କରିବ। ଏହା ବିଭିନ୍ନ ଅଞ୍ଚଳରେ ଜଳ, ମାଟି, ଗଛଲତା ଓ ଜୀବଜନ୍ତୁ ପରି ପ୍ରାକୃତିକ ସଂରକ୍ଷଣ ଉଦ୍ଦେଶ୍ୟରେ କାର୍ଯ୍ୟ କରିବ। ୨୦୦୯ରେ ପ୍ରତିଷ୍ଠିତ ଆଇଓଆରଏ ପ୍ରାକୃତିକ ସମ୍ପଦ ସଂରକ୍ଷଣ, ଅଙ୍ଗାରକାମ୍ଳ, ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ ହ୍ରାସ ଓ ଆଡାପ୍ସନ ଉପରେ ବୈଷୟିକ ଜ୍ଞାନ ପ୍ରଦାନ କରେ। ସହଭାଗିତା ଅଧୀନରେ ଏହା ବେଦାନ୍ତ ଆଲୁମିନିୟମ ସହ ମିଶି ସ୍ଥାନୀୟ ବିବିଧତା ଓ ଇକୋସିଷ୍ଟମ ଲ୍ୟାଣ୍ଡସ୍କେପସ୍ତରୀୟ ପରିଚାଳନା ଉପରେ ପର୍ଯ୍ୟବେଶିତ ପ୍ରକଳ୍ପର ବିକାଶ ତଥା କାର୍ଯ୍ୟକାରୀତାରେ ସହାୟତା କରିବ। ବେଦାନ୍ତ ଆଲୁମିନିୟମ ପଡ଼ୋଶୀ ଗୋଷ୍ଠୀ ଓ ଅନ୍ୟାନ୍ୟ ଆଗ୍ରହୀ ହୀତାଧିକାରୀଙ୍କ ସହଯୋଗରେ ପ୍ରକୃତିଭିତ୍ତିକ ଜଳବାୟୁ ଅଫସେଟ ଓ ଜୈବ ବିବିଧତା ପରିଚାଳନା ପ୍ରକଳ୍ପ ମଧ୍ୟ କାର୍ଯ୍ୟକାରୀ କରିବ। କମ୍ପାନିର କାର୍ଯ୍ୟ ପରିସରରେ ଗଢାଯିବ, ଯାହା ସଂଗଠିତ ଫୋରମ ମାଧ୍ୟମରେ ସଚେତନତା, ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଓ ତୃଣମୂଳ ଜୈବ ବିବିଧତା ଓ ପ୍ରକୃତିର ସଂରକ୍ଷଣକୁ କାର୍ଯ୍ୟକାରୀ କରିବା ସହ ସ୍ଥାନୀୟ ଗୋଷ୍ଠୀ ଏବଂ ଅନ୍ୟାନ୍ୟ ହୀତାଧିକାରୀଙ୍କ ସହ ଯୋଗାଯୋଗ ବୃଦ୍ଧି କରିବ। ଏହି ପ୍ରୟାସର ଏକ ଅଂଶ ଭାବରେ ଆମେ ନିରନ୍ତର ଭବିଷ୍ୟତ ଲାଗି ଉଚ୍ଚ ଦକ୍ଷତା, ବୃତାକାର ଅର୍ଥନୀତି ଅଭ୍ୟାସ ଓ ଗୋଷ୍ଠୀର ଅଭିବୃଦ୍ଧି ଉପରେ ମଧ୍ୟ ଧ୍ୟାନ ଦେଉଛୁ ଓ ୨୦୫୦ ସୁଦ୍ଧା ଜିରୋ ନିର୍ଗମନରେ ପହଞ୍ଚିବାକୁ ପ୍ରତିଶ୍ରୁତିବଦ୍ଧ।




ଆଇଓଆରଏ ସିଇଓ ସ୍ୱପନ ମେହେରା କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମ ସହିତ ସହଭାଗୀ ହୋଇ ଆମେ ପରିବେଶର ଉନ୍ନତି ପାଇଁ କାମ କରିବୁ। ଆମର ପରିବେଶ ସମାଧାନର ନିୟୋଜନ ଦିଗରେ ଆମେ ବେଦାନ୍ତ ସହିତ ସହଭାଗୀ ହୋଇ କାର୍ଯ୍ୟକରିବାକୁ ଯାଉଥିବାରୁ ଆନନ୍ଦିତ। ବେଦାନ୍ତ ଆଲୁମିନିୟମର କାର୍ଯ୍ୟ ପରିସର ଖଣି କାରବାର ବ୍ୟତୀତ ଝାରସୁଗୁଡ଼ାରେ ବିଶ୍ୱର ବୃହତ ଆଲୁମିନିୟମ ପ୍ଲାଣ୍ଟ ଓ ଲାଞ୍ଜିଗଡ଼ର ବିଶ୍ୱସ୍ତରୀୟ ରିଫାଇନାରୀ ଅନ୍ତର୍ଭୁକ୍ତ। ଏହା ସହ ବାଲକୋର ଆଇକନିକ ଆଲୁମିନିୟମ ଉତ୍ପାଦକ ରହିଛି। ବିଶେଷଜ୍ଞଙ୍କ ନେତୃତ୍ୱାଧୀନ ଅଧିବେଶନରେ ଲୋକମାନଙ୍କ ପାଇଁ ବହୁ କଲ୍ୟାଣକାରୀ ଯୋଗଦାନ କରି ଆସିଛି।

### ଆଜି ବିଶ୍ୱ ପର୍ଯ୍ୟାବରଣ ଦିବସ

# ଭୟାବହ ପରିସ୍ଥିତିରେ ଝାରସୁଗୁଡ଼ାବାସୀ



**ଝାରସୁଗୁଡ଼ା, ୪।୬(ସମିସ) :** ରାଜ୍ୟର ଅନ୍ୟତମ ଶିଳ୍ପ ସମୃଦ୍ଧ ଜିଲ୍ଲା ଝାରସୁଗୁଡ଼ା ମାତ୍ରାଧିକ ପ୍ରଦୂଷଣ ଯୋଗୁଁ ଦିନକୁ ଦିନ ଲୋକ ରହିବା ଅନୁପଯୋଗୀ ହେବାରେ ଲାଗିଛି। ବିଶେଷ ଭାବରେ ଇବ୍ ଭ୍ୟାଲି ଅଞ୍ଚଳକୁ ରାଜ୍ୟର ଗମ୍ଭୀର ପ୍ରଦୂଷିତ ଅଞ୍ଚଳ (କ୍ରିଟିକାଲି ପଲୁଟେଟ୍ ଏରିଆ) ଭାବରେ କେନ୍ଦ୍ର ପ୍ରଦୂଷଣ ବୋର୍ଡ ଘୋଷଣା କରିଛନ୍ତି। ଏହି ଅଞ୍ଚଳରେ ଏମ୍‌ସିଏଲ୍ ଏକ ବଡ଼ ଶିଳ୍ପ ସଂସ୍ଥା ହୋଇଥିବାରୁ ଇବ୍‌ଭ୍ୟାଲି ଅଞ୍ଚଳରେ ପ୍ରଦୂଷଣ ମାତ୍ରାକୁ ହ୍ରାସ କରିବାକୁ ବିଭିନ୍ନ ପଦକ୍ଷେପ ନେବାକୁ ରାଜ୍ୟ ପ୍ରଦୂଷଣ ବୋର୍ଡ କହିଛି। ୨୦୧୬ରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଭୁବନେଶ୍ୱର ସଭାକକ୍ଷରେ ଏମ୍‌ସିଏଲ୍ ର ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଏମ୍‌ସିଏଲ୍ ଅଧୀନରେ ଥିବା ଇବ୍‌ଭ୍ୟାଲି ଏରିଆରୁ ସ୍ୱତନ୍ତ୍ର ଭାବରେ ଏକ କୋଲ କରିଡୋର ନିର୍ମାଣ କରିବାକୁ ପ୍ରଦୂଷଣ ବୋର୍ଡ କହିଥିବାବେଳେ ଏମ୍‌ସିଏଲ୍ ୨୦୧୭ ମାର୍ଚ୍ଚ ମାସ ସୁଦ୍ଧା ସ୍ୱତନ୍ତ୍ର କୋଲ କରିଡୋର ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ୨୦୨୪ରେ ମଧ୍ୟ ଏମସିଏଲ ପୂରଣ କରିବାରରେ ଅସମର୍ଥ ହୋଇଛି। ଖଣି କ୍ଷେତ୍ରରୁ ଜିରୋ ଲିକ୍ୟୁଇଡ୍ ଡିସ୍‌ଚାର୍ଜ ସ୍ଥାପନ କରିବା, ବାୟୁ ଗୁଣବତ୍ତା ନିରିକ୍ଷଣ ଷ୍ଟେସନ୍ ସ୍ଥାନ ମଧ୍ୟ ଗତ ଡିସେମ୍ବର ସ୍ଥାପନ କରିବାକୁ ଏମ୍‌ସିଏଲ୍ ଏହି ବୈଠକରେ କହିଥିଲେ ମଧ୍ୟ ତାହା ମଧ୍ୟ ପୂରଣ ହେଇନାହିଁ। ସେହିପରି ଏମ୍‌ସିଏଲ୍ ପିଜୋମିଟର ସ୍ଥାପନ କରି ଛଅ ମାସର ଡାଟା ରାଜ୍ୟ ପ୍ରଦୂଷଣ ବୋର୍ଡକୁ ଦେବାକୁ ଏହି ବୈଠକରେ କୁହାଯାଇଥିଲା। ଏହା ସହିତ ଇବ୍ ନଦୀରେ ଏମ୍‌ସିଏଲ୍ ଅନ୍‌ଲାଇନ୍ ମନିଟିରିଙ୍ଗ୍ ସିଷ୍ଟମ୍ ସ୍ଥାପନ କରି ଇବ୍ ନଦୀର ପାଣି ସମ୍ପର୍କିତ ସୂଚନା ଯୋଗାଇଦେବାକୁ ପ୍ରଦୂଷଣ ବୋର୍ଡ କହିଛି, ତାହା ମଧ୍ୟ ଏଯାଏ ହୋଇ ନ ଥିବା ଅଭିଯୋଗ ହୋଇଛି। ଗତ ମାର୍ଚ୍ଚ ୨୦୧୭ ମଧ୍ୟରେ ଏମ୍‌ସିଏଲ୍ କୋଲ୍ କରିଡ଼ର ପାଇଁ ଦେଇଥିବା ପ୍ରତିଶୃତି ୭ ବର୍ଷପରେ ମଧ୍ୟ ପୁରଣ ହେଇପାରିନାହିଁ। ଏହି ପ୍ରକଳ୍ପ କେବଳ ସର୍ଭେରେ ସୀମିତ ହୋଇ ରହିଯାଇଛି। ଫଳରେ କୋଲ କରିଡୋର ରସ୍ତା ନିର୍ମାଣ ଉପରେ ଅନେକ ପ୍ରଶ୍ନବାଚୀ ରହିଛି। ଏନେଇ ଏମସିଏଲ ଲଖନପୁର ଖଣି କ୍ଷେତ୍ରର ମହା ପ୍ରବନ୍ଧକ ସଞ୍ଜୟ ଝାଙ୍କୁ ପଚାରିବାକୁ ବାରମ୍ବାର ଫୋନଯୋଗେ ଯୋଗାଯୋଗ କଲେ ମଧ୍ୟ ବ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

# ନୂଆପଡ଼ାରେ ବିଜେଡିର ବିଜୟ ଉତ୍ସବ






ନୂଆପଡ଼ା, ୪।୬(ସମିସ)

ନୂଆପଡ଼ା ଜିଲ୍ଲାରେ ସାଧାରଣ ନିର୍ବାଚନରେ ଜବାବ ଦେଇଛନ୍ତି ଜନତା। ଜିଲ୍ଲାରେ ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ନୂଆପଡ଼ା ଏବଂ ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀକୁ ବିଜେଡି ହାତେଇଛି। ଏହି ଐତିହାସିକ ବିଜୟ ପରେ ବିଜେଡି ନେତା ଓ କର୍ମୀ ସାରା ଜିଲ୍ଲାରେ ବିଜୟ ଉତ୍ସବ ପାଳିଛନ୍ତି। ଏହି ଦୁଇ ଆସନରେ

## ଗଡ଼ ରଖିଲେ ରାଜେନ୍ଦ୍ର
## ଖଡିଆଳ ଆସନ ବି ବିଜେଡି ହାତରେ

ସଂଘର୍ଷପୂର୍ଣ୍ଣ ଲଢେଇରେ ବିଜେଡିରୁ ନୂଆପଡ଼ାରେ ପୂର୍ବତନ ଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ହରାଇ ବିଜୟ ମୁକୁଟ ପିନ୍ଧିଛନ୍ତି। ରାଜେନ୍ଦ୍ର ୬୧ହଜାର ୮୨୨ଖଣ୍ଡ ଭୋଟ ପାଇଥିବାବେଳେ ଘାସିରାମ ମାଝୀ ୫୦ହଜାର ୯୪୧ଭୋଟ ପାଇଛନ୍ତି। ତେବେ ଢୋଲକିଆ ୧୦ହଜାର ୮୮୧ଟି ଭୋଟରେ ବିଜୟୀ ହୋଇଛନ୍ତି। ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିବା ଅଧିରାଜ ମୋହନ ପାଣିଗ୍ରାହୀ ବିଜେପିର ପୂର୍ବତନ ବିଧାୟକ ହିତେଶ ବଗର୍ତିଙ୍କୁ ହରାଇଛନ୍ତି। ଅଧିରାଜ ୯୩ହଜାର ୨୪୬ଟି ଭୋଟ ପାଇଥିବାବେଳେ ହିତେଶ ୮୩ହଜାର ୬୨୮ଟି ଭୋଟ ପାଇଥିଲେ। ଅଧିରାଜ ୯ହଜାର ୬୧୮ଟି ଭୋଟରେ ବିଜୟୀ ହୋଇଛନ୍ତି।

### ବିଜୟ ସାର୍ଟିଫିକେଟ ଗ୍ରହଣ କଲେ

ନୂଆପଡ଼ା ଜିଲ୍ଲାରେ ମଙ୍ଗଳବାର ଭୋଟ ଗଣତିକୁ ନେଇ ଉତ୍ସାହ ରହିଥିଲା। ବିଭିନ୍ନ ରାଜନୈତିକ ଦଳଗୁଡିକ ସେମାନଙ୍କ ସମର୍ଥକଙ୍କୁ ନେଇ ଭିନ୍ନ ଭିନ୍ନ ଜାଗାରେ ଭୋଜି ଭାତ କରି ଦିନ କାଟିଥିଲେ। ବିଭିନ୍ନ ପର୍ଯ୍ୟାୟରେ ଭୋଟ ଗଣତି ରିପୋର୍ଟ ଆସୁଥିଲେ ତାକୁ ନେଇ ସମୀକ୍ଷା କରି ନାଚ ଗୀତ କରୁଥିଲା। ବିଜେଡି ତରଫରୁ ଖଡ଼ିଆଳରୋଡ୍‌ରେ ଏକ ହୋଟେଲରେ ଭୋଜି ଭାତର ଆସର ଜମିଥିଲା। ସନ୍ଧ୍ୟା ପ୍ରାୟ ୬ଟାବେଳେ ଦୁଇଟି ବିଧାନସଭାରେ ବିଜୟ ତାଲିକା ସୁନିଶ୍ଚିତ ହେବାପରେ ଖଡ଼ିଆଳରୋଡ୍‌ରୁ ଖଡିଆଳ ପର୍ଯ୍ୟନ୍ତ ଖୁସିର ପରିବେଶ ଦେଖାଯାଇଥିଲା। ରାଜେନ୍ଦ୍ର ଏବଂ ଅଧିରାଜ ନ୍ୟାସନାଲ କଲେଜକୁ ଆସି ନିର୍ବାଚନ ଅଧିକାରୀଙ୍କଠାରୁ ବିଜୟ ସାର୍ଟିଫିକେଟ ଗ୍ରହଣ କରିଥିଲେ। ଏହିକ୍ରମରେ ରାଜେନ୍ଦ୍ର ସମର୍ଥକଙ୍କ ସହ ମିଶି ଖଡ଼ିଆଳରୋଡ୍‌ର ଶଙ୍କର ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ବିଜୁ ପଟ୍ଟନାୟକ ଛକରେ ଥିବା ପ୍ରବାଦ ପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହା ପରେ ନୂଆପଡ଼ାରେ ସ୍ୱର୍ଗତ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହିଭଳି ଜିଲ୍ଲାର ବିଭିନ୍ନ ଗାଁରେ ବିଜେଡିର ବିଜୟ ନେଇ ଲୋକେ ବାଣ ରୋଷଣୀ କରି ବିଜୟ ଉତ୍ସବ ପାଳନ କରିଥିଲେ। ଅଧିରାଜ ମଧ୍ୟ ନୂଆପଡ଼ାରୁ ସାର୍ଟିଫିକେଟ ନେବାପରେ ଖଡିଆଳ ଅଞ୍ଚଳରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।

### ୨୨ ରାଉଣ୍ଡରେ ଭୋଟ୍ ଗଣତି ହୋଇଥିଲା

ଭୋଟ ଗଣତି କାର୍ଯ୍ୟକୁ ଶୃଙ୍ଖଳିତ ଏବଂ ଅବାଧ କରିବାକୁ ପ୍ରଶାସନ ତରଫରୁ ବିଶେଷ ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ନ୍ୟାସନାଲ କଲେଜରେ ବ୍ୟବସ୍ଥିତ କରାଯାଇଥିବା କାଉଣ୍ଟିଂ ହଲ୍‌କୁ ସ୍ୱତନ୍ତ୍ର କରିଡର ମଧ୍ୟରେ ରଖାଯାଇଥିଲା। ଏହି ପରିସରରେ କୌଣସି ପ୍ରକାର ରାଜନୈତିକ ଦଳର କୋଳାହଳରୁ ଦୂରେଇ ରଖିବାକୁ ୧୪୪ଧାରା ଲାଗିଥିଲା। ନୂଆପଡ଼ା ଏବଂ ଖଡିଆଳ ବିଧାନସଭାରେ ଉଭୟ ୩୦୪ଟି ଲେଖାଏଁ କରି ବୁଥ୍‌କୁ ୧୪ଟି ଲେଖାଏଁ ଟେବୁଲରେ ୨୨ରାଉଣ୍ଡରେ ଗଣତି କରାଯାଇଥିଲା।

### ପ୍ରତି ରାଉଣ୍ଡ ସଂଘର୍ଷପୂର୍ଣ୍ଣ ଥିଲା

ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଥମରୁ ଚତୁର୍ଥ ରାଉଣ୍ଡ ପର୍ଯ୍ୟନ୍ତ ବିଜେପିର ଅଭିନନ୍ଦନ ପଣ୍ଡା ରାଜେନ୍ଦ୍ର ଢୋଲକିଆଙ୍କଠାରୁ ଆଗରେ ରହିଥିଲେ। ୬ଷ୍ଠ ରାଉଣ୍ଡ ପରେ ଲଗାତାର ଢୋଲକିଆଙ୍କ ବିଜୟ ଧାରା ଆଗକୁ ଯାଇଥିଲା। ଏହା ପରେ ବିଜେପି ୩ ନମ୍ବରକୁ ଯାଇଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ଦ୍ୱିତୀୟ ନମ୍ବରରେ ରହିଥିଲେ। ତେବେ ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଥମରୁ ହିଁ ବିଜେଡିର ଅଧିରାଜ ମୋହନ ପାଣିଗ୍ରାହୀ ବିଜେପିର ହିତେଶ ବଗର୍ତ୍ତିଙ୍କଠାରୁ ବିଜୟଧାରା ଆରମ୍ଭ କରିଥିଲେ। ଏଠାରେ ବିଜେଡି ଏବଂ ବିଜେପିର ଦ୍ୱିମୁଖୀ ଲଢେଇ ହୋଇଥିଲା। କଂଗ୍ରେସ ବହୁ ପଛରେ ରହିଥିଲା। କଂଗ୍ରେସର କମଳ ଚରଣ ତାଣ୍ଡି ମାତ୍ର୧୩ ହଜାର ୭୫ଭୋଟ ପାଇଛନ୍ତି।

### ନୋଟାରେ ପଡ଼ିଲା ୪୬୨୬ ଭୋଟ୍

ନୂଆପଡ଼ା ଜିଲ୍ଲାର ୨ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୭ଜଣ ଲେଖାଏଁ କରି ମୋଟ ୧୪ଜଣ ପ୍ରାର୍ଥୀ ରହିଥିଲେ। ଏହି ଦୁଇ ଆସନରୁ ଯଥାକ୍ରମେ ୨୨୦୨ ଏବଂ ୨୪୨୪ଟି ଭୋଟ୍ ନୋଟାରେ ଭୋଟ ପଡ଼ିଛି।

### ଧର୍ମଗଡ ବିଧାନସଭା ନିର୍ବାଚନମଣ୍ଡଳୀ

# ସୁଧୀର ରଞ୍ଜନ ବିଜୟୀ



**ଧର୍ମଗଡ଼, ୪।୬(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀ ସୁଧୀର ରଞ୍ଜନ ପଟ୍ଟଯୋଶୀ ୮୭, ୮୯୦ ଭୋଟ ପାଇ ବିଜୟୀ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ୬୮, ୯୬୩ ଭୋଟ ପାଇଛନ୍ତି। ଏହି ନିର୍ବାଚନରେ ୧୧ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସର ରଶ୍ମୀରେଖା ରାଉତ ୪୧, ୨୬୯, ବହୁଜନ ସମାଜ ପାର୍ଟିର ତୀର୍ଥରାଜ ଦୁର୍ଗା ୨୧୬୭, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ଟଙ୍କାଧର ଶବର ୧୪୭୭, ସମାଜବାଦୀ ପାର୍ଟିର ସନ୍ତୋଷ କୁମାର ଭୋଇ ୧୨୭୦, ସ୍ୱାଧୀନ ପ୍ରାର୍ଠଥନୀ ହେମାଙ୍ଗିନୀ ହଂସ ୧୨୬୯, ହେରମ୍ବ ସେନାପତି ୧୧୫୬, ସୌମ୍ୟରଞ୍ଜନ ନାୟକ ୮୯୧, ରୂପଧର ନାୟକ ୮୭୯ ଓ ପ୍ରହଲ୍ଲାଦ ଅଗ୍ରୱାଲ ୭୧୮ଭୋଟ ପାଇଛନ୍ତି। ନୋଟାରେ ୨୧୦୫ ଭୋଟ ପଡ଼ିଛି।

# ବରଗଡ଼ ଲୋକସଭା ଆସନରେ ବିଜେପିର ପ୍ରଦୀପ ପୁରୋହିତ ବିଜୟୀ

**ବରଗଡ଼, ୪।୬(ସମିସ)**

ବରଗଡ଼ ଲୋକସଭା ଆସନରେ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ବିଜୟୀ ହୋଇଛନ୍ତି। ଶ୍ରୀ ପୁରୋହିତ ତାଙ୍କ ନିକଟତମ ବିଜେଡି ପ୍ରାର୍ଥୀ ପରିଣିତା ମିଶ୍ରଙ୍କୁ ୨ ଲକ୍ଷ ୫୧ ହଜାର ୬୬୭ ଭୋଟରେ ପରାସ୍ତ କରିଛନ୍ତି। ଶ୍ରୀ ପୁରୋହିତ ୭ ଲକ୍ଷ ୧୬ ହଜାର ୩୫୯ ଭୋଟ ପାଇଥିବା ବେଳେ ଶ୍ରୀମତୀ ମିଶ୍ର ୪ ଲକ୍ଷ ୬୪ ହଜାର ୬୯୨ ଭୋଟ ପାଇଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ସଞ୍ଜୟ ଭୋଇ ୯୩ ହଜାର ୫୫୧ ଭୋଟ ପାଇଥିଲେ। ବହୁଜନ ସମାଜପାର୍ଟିର ଜୟରାମ ବାଗ ୯୩୨୨ ଭୋଟ ପାଇଛନ୍ତି। ନେସନାଲ ଅପନି ପାର୍ଟୀର ଦେବିକା ଶିକା ୪୫୩୮, ସ୍ୱାଧୀନ ପ୍ରାର୍ଥୀ ଜ୍ଞାନେନ୍ଦ୍ର ବେହେରା ୪୫୬୩ ଏବଂ ପ୍ରଭାତ କୁମାର ଧରୁଆ ୪୨୯୮ ଭୋଟ ମିଳିଛି ଏବଂ ନୋଟାକୁ ୧୨ ହଜାର ୫୪୧ ଭୋଟ ଯାଇଛି।



## ନବ ନିର୍ବାଚିତ ସାଂସଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ପାଇକମାଲ, ୪।୬ (ସମିସ) :** ବିଜେପି ପ୍ରାର୍ଥୀ ପ୍ରଦୀପ କୁମାର ପୁରୋହିତଙ୍କୁ ବିଜ୍ରୀ ଘୋଷଣା କରାଯିବା ପରେ ତାଙ୍କର ହଜାର ହଜାର ସମର୍ଥକ ତାଙ୍କୁ ସାକ୍ଷାତ କରି ଅଭିନନ୍ଦନ ଜଣାଇଛନ୍ତି। ଜଣେ ସଂଗ୍ରାମୀ ଯୁବନେତା ଭାବେ ଏହି ଅଞ୍ଚଳରେ ଶ୍ରୀ ପୁରୋହିତ ବେଶ ପରିଚିତ। ଭୋଟ ଗଣତି ପୂର୍ବରୁ ଶ୍ରୀ ପୁରୋହିତ ନିଜର ଇଷ୍ଟ ଦେବାଦେବୀ, ବୟୋଜେଷ୍ଠଙ୍କ ଆଶୀର୍ବାଦ ନେଇ ଅଞ୍ଚଳର ପ୍ରସିଦ୍ଧ ଠାକୁର ଶ୍ରୀ ଶ୍ରୀ ନୃସିଂହନାଥ, କୋମନା ବୈଷ୍ଣଦେବୀ ମନ୍ଦିର ଯାଇ ଦର୍ଶନ କରିଥିଲେ। ବିଜୟୀ ହେବା ପରେ ପରିବାର ପକ୍ଷରୁ ପ୍ରଥମେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଜନସାଧାରଣ ଯେଉଁ ବିଶ୍ୱାସରେ ତାଙ୍କୁ ନିର୍ବାଚିତ କରିଛନ୍ତି ସେହି ବିଶ୍ୱାସ ଅନୁଯାୟୀ ସେ କାମ କରିବେ ବୋଲି ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ କହିଛନ୍ତି। ପୀତବାସ ସାହୁ, ବଳରାମ ସାହୁ, ପୁରନ୍ଦର ସାହୁ, ଶ୍ରୀକାନ୍ତ ମିଶ୍ର, ଅଲେଖ ସାହୁ, ସେବକ ମେହେର, ମାଧବ ପାଣିଗ୍ରାହୀ, ରାଜେନ୍ଦ୍ର ସେଠ, ରାଜ କିଶୋର ସାହୁ, ସତ୍ୟ ବେହେରା, ବଡ଼ ଶତପଥୀ, ରମେଶ ବାରିକ, ସୁରଥ ସାହୁ, ନିରୋଜ ପାଣି, ଆଭାସ ପ୍ରଧାନ, ଝସକେତନ ବରିହା, ପ୍ରୀତେଶ ବହିଦାର, ଅଶୋକ କୁମାର ମିଶ୍ର, କୁନାଲ ପାଣିଗ୍ରାହୀ, ଯୁଗଳ ସାହୁ, ଚିନୁ ସାମଲ, ମଣ୍ଟୁ ପାଣ୍ଡେ, ଦିନେଶ ବାରିକ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ।



ପଦ୍ମପୁର ବିଜେଡି ବିଧାୟିକା ପ୍ରାର୍ଥିନୀ ବର୍ଷା ସିଂ ବରିହା ଉପଜିଲ୍ଲାପାଳ ଆଲୋକ ପଟେଲଙ୍କଠାରୁ ବିଜୟ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି।

# ୪ ଆସନରେ ବିଜେପି, ଗୋଟିଏରେ ବିଜେଡିର ବିଜୟ











**ବରଗଡ଼, ୪।୬(ସମିସ) :** ବରଗଡ଼ ଜିଲ୍ଲାର ୫ ଗୋଟି ବିଧାନସଭା ଆସନ ମଧ୍ୟରୁ ଚାରୋଟି ବିଧାନସଭାରେ ବିଜେପି ବିଜୟୀ ହୋଇଛି। ବରଗଡ଼ ଜିଲ୍ଲାର ବରଗଡ଼, ଭଟଲି, ବିଜେପୁର ଏବଂ ଅତାବିରାରେ ବିଜେପି ବିଜୟୀ ହୋଇଥିବା ବେଳେ ଜିଲ୍ଲାର ଏକମାତ୍ର ଆସନ ପଦ୍ମପୁରରେ ବିଜେଡି ବିଜୟୀ ହୋଇଛି। ବରଗଡ଼ ବିଧାନସଭାରେ ବିଜେପିର ଅଶ୍ୱିନୀ ଷଡଙ୍ଗୀ, ଅତାବିରାରରୁ ବିଜେପିର ନିହାର ମହାନନ୍ଦ, ଭଟଲିରୁ ବିଜେପିର ଇରାଶିଷ ଆଚାର୍ଯ୍ୟ ଏବଂ ବିଜେପୁରରୁ ବିଜେପିର ସନତ ଗଡ଼ତିଆ ବିଜୟୀ ହୋଇଛନ୍ତି।

### ବରଗଡ଼

ବରଗଡ଼ ବିଧାନସଭାରୁ ବିଜୟୀ ହୋଇଥିବା ଅଶ୍ୱିନୀ ଷଡ଼ଙ୍ଗୀ ବିଜେଡି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟଙ୍କୁ ୪୭୭୨ ଭୋଟରେ ପରାସ୍ତ କରିଛନ୍ତି। ଏଠାରେ ଅଶ୍ୱିନୀ ଷଡ଼ଙ୍ଗୀ ୭୭୭୬୬ ଭୋଟ ପାଇଥିବା ବେଳେ ଦେବେଶ ଆଚାର୍ଯ୍ୟ ୭୨୯୯୪ ଭୋଟ ପାଇଛନ୍ତି। ଏହି ଆସନରେ କଂଗ୍ରେସର ନିପନ ଦାଶ ମାତ୍ର ୧୦୨୭୨ ଭୋଟ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ନନ୍ଦନନ୍ଦନ ମହାନନ୍ଦନ ୨୦୮୦, ବିଏସ୍‌ପି ପ୍ରାର୍ଥୀ ୧୨୦୨, ସ୍ୱାଧୀନ ପ୍ରାର୍ଥୀ ଭକ୍ତ ବିନୋଦ ବାବା ୭୫୭, ଆପ୍ ପ୍ରାର୍ଥୀ ଆଶିଷ ଶତପଥୀ ୭୦୨, ସ୍ୱାଧୀନ ପ୍ରାର୍ଥୀ ପାଣ୍ଡବ କର୍ଣ୍ଣ ୪୭୬, ରାଷ୍ଟ୍ରୀୟ ମାନବ ପାର୍ଟି ପ୍ରାର୍ଥୀ ମୁକ୍ତା ନାଗ ୩୮୪ ଓ ନୋଟାକୁ ୧୧୮୭ ଭୋଟ ମିଳିଛି।

### ଅତାବିରା

ଅତାବିରା ଆସନରୁ ବିଜୟୀ ହୋଇଥିବା ନିହାର ମହାନନ୍ଦ ବିଜେଡିର ସ୍ନେହାଙ୍ଗିନୀ ଛୁରିଆଙ୍କୁ ୨୮୯୧୦ ଭୋଟରେ ପରାସ୍ତ କରିଛନ୍ତି। ଶ୍ରୀ ମହାନନ୍ଦ ୯୯୪୮୭ ଭୋଟ ପାଇଥିବା ବେଳେ ଶ୍ରୀମତୀ ଛୁରିଆ ୭୦୫୫୭ ଭୋଟ ପାଇଛନ୍ତି। ଏଠାରେ କଂଗ୍ରେସ ପ୍ରାର୍ଥୀ ଅଭିଷେକ ସେଠ ୬୦୬୫, ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ଭୁବନ ଭୋସାଗର ୧୨୦୭, ଆପ୍ ପ୍ରାର୍ଥୀ ଜୟକ୍ରିଷ୍ଣ ଛୁରିଆ ୧୧୭୫ ଓ ନୋଟାକୁ ୧୮୦୮ ଭୋଟ ମିଳିଛି।

### ବିଜେପୁର

ବିଜେପୁର ବିଧାନସଭା ଆସନରେ ବିଜେପି ପ୍ରାର୍ଥୀ ସନତ ଗଡ଼ତିଆ ବିଜେଡି ପ୍ରାର୍ଥୀ ରୀତା ସାହୁଙ୍କୁ ୧୦୦୬୬ ଭୋଟରେ ପରାସ୍ତ କରିଛନ୍ତି। ଶ୍ରୀ ଗଡ଼ତିଆ ୯୩୧୬୧ ଭୋଟ ପାଇଥିବା ବେଳେ ଶ୍ରୀମତୀ ସାହୁ ୮୩୦୯୫ ଭୋଟ ପାଇଛନ୍ତି। କଂଗ୍ରେସ ପ୍ରାର୍ଥୀ କିଶୋର ଦଫାଦାର ୧୫୭୦୭ ଭୋଟ ପାଇଥିବା ବେଳେ ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ଧବଳେଶ୍ୱ ମହାନନ୍ଦ ୨୦୧୦ ଓ ନୋଟାକୁ ୨୦୫୫ ଭୋଟ ମିଳିଛି।

### ଭଟଲି

ଭଟଲି ବିଧାନସଭା ଆସନରେ ବିଜେପିର ଇରାଶିଷ ଆଚାର୍ଯ୍ୟ ବିଜେଡି ପ୍ରାର୍ଥୀ ସୁଶାନ୍ତ ସିଂଙ୍କୁ ୨୭୮୯୨ ଭୋଟରେ ପରାସ୍ତ କରିଛନ୍ତି। ଶ୍ରୀ ଆଚାର୍ଯ୍ୟ ୧୦୭୫୦୮ ଭୋଟ ପାଇଥିବା ବେଳେ ଶ୍ରୀ ସିଂ ୭୯୬୧୬ ଭୋଟ ପାଇଛନ୍ତି। ଏଠାରେ କଂଗ୍ରେସ ପ୍ରାର୍ଥୀ ବ୍ରହ୍ମା ମହାକୁଡ଼ ୪୬୧୪, ବିଏସ୍‌ପି ପ୍ରାର୍ଥୀ ନାରାୟଣ ଭେସରା ୧୩୧୦, ମହମ୍ମଦ ସାହାରୁଖ ଲୋଧିଆ ୧୦୨୭, ବଲ୍ଲଭ ପାତ୍ର ୭୩୧, ସାବିତ୍ରୀ ଆଚାର୍ଯ୍ୟ ୬୭୯ ଓ ନୋଟାକୁ ୧୨୨୯ ଭୋଟ ମିଳିଛି।

### ପଦ୍ମପୁର

ପଦ୍ମପୁର ବିଧାନସଭା ଆସନରେ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ବିଜେପି ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏଙ୍କୁ ୧୦୯୯୩ ଭୋଟରେ ପରାଜିତ କରିଛନ୍ତି। ଶ୍ରୀମତୀ ବରିହା ୯୧୯୯୫ ଭୋଟ ପାଇଥିବା ବେଳେ ଶ୍ରୀ ଭୋଏ ୮୧୦୦୨ ଭୋଟ ପାଇଛନ୍ତି। ଏଠାରେ କଂଗ୍ରେସ ପ୍ରାର୍ଥୀ ଟଙ୍କଧର ସାହୁ ୩୦୪୫୩, ଆପ ପ୍ରାର୍ଥୀ ବାଲ୍ମୀକି ନାଏକ ୨୭୪୯, ବିଏସ୍‌ପି ପ୍ରାର୍ଥୀ ୧୩୦୬, ସ୍ୱାଧୀନ ପ୍ରାର୍ଥୀ ରେବତି ଗିରି ୧୨୦୬, ଗଙ୍ଗାଧର ସାହା ୯୯୨ ଓ ନୋଟାକୁ ୧୬୧୭ ଭୋଟ ମିଳିଛି।

ଜିଲ୍ଲାରେ ପଦ୍ମପୁର ଓ ବିଜେପୁର ବିଧାନସଭା ପାଇଁ ପଦ୍ମପୁର ଆରଏମସି ଗୋଦାମ ପରିସରରେ, ବରଗଡ଼, ଅତାବିରା ଓ ଭଟଲି ବିଧାନସଭା ପାଇଁ ପଞ୍ଚାୟତ ମହାବିଦ୍ୟାଳୟରେ ଭୋଟ ଗଣତି କେନ୍ଦ୍ର ଖୋଲାଯାଇଥିଲା। ଉଭୟ ସଂସଦୀୟ କ୍ଷେତ୍ର ଏବଂ ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟ୍ ଗଣତି ପାଇଁ ପଦ୍ମପୁର ନିର୍ବାଚନ ମଣ୍ଡଳୀର ୨୪ ରାଉଣ୍ଡ, ବିଜେପୁର ନିର୍ବାଚନ ମଣ୍ଡଳୀର ୨୧ ରାଉଣ୍ଡ, ବରଗଡ଼ ନିର୍ବାଚନ ମଣ୍ଡଳୀର ୧୭ ରାଉଣ୍ଡ, ଅତାବିରା ନିର୍ବାଚନ ମଣ୍ଡଳୀ ୧୯ ରାଉଣ୍ଡ ଏବଂ ଭଟଲି ନିର୍ବାଚନ ମଣ୍ଡଳୀ ପାଇଁ ୨୧ ରାଉଣ୍ଡରେ ଭୋଟ ଗଣତି କରାଯାଇଥିଲା।



ବରଗଡ଼ ଲୋକସଭା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କଠାରୁ ସାର୍ଟିଫିକେଟ ଗ୍ରହଣ କରୁଛନ୍ତି



ଭୋଟ ଗଣତି କେନ୍ଦ୍ର ବାହାରେ କଡା ସୁରକ୍ଷା



ମିଡିଆ ସେଣ୍ଟରରେ ଗଣମାଧ୍ୟମ ପ୍ରତିନିଧି

# କଳାହାଣ୍ଡି ଜିଲ୍ଲାର ଫଳାଫଳ ଘୋଷିତ

**ଭବାନୀପାଟଣା, ୪।୬(ସମିସ)**

କଳାହାଣ୍ଡି ଲୋକସଭା ଆସନର ୭ଟି ଆସନ ପାଇଁ ଗତ ମେ ୧୩ ତାରିଖରେ ମତଦାନ ହୋଇଥିଲା। ଜନତାଙ୍କ ପ୍ରାର୍ଥୀ ଚୟନ ନିଷ୍ପତ୍ତି ସରିଥିଲା ତେବେ ରାୟ ସଂରକ୍ଷିତ ରହିଥିଲା। ଯାହା ମଙ୍ଗଳବାର ରାୟ ପ୍ରକାଶ ପାଇଛି। କଳାହାଣ୍ଡି ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ତଥା ଭବାନୀପାଟଣାରେ କଂଗ୍ରେସର ଯୁବ ନେତା ସାଗର ଚରଣ ଦାସ ବିଜେପି ପ୍ରାର୍ଥୀ ପ୍ରଦୀପ୍ତ ନାଏକଙ୍କୁ ୧୩୭୪୧ ଭୋଟରେ ଆଗରେ ରହି ବିଜୟୀ ହୋଇଛନ୍ତି। ଲାଞ୍ଜିଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ପ୍ରଦୀପ ଦିଶାରୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ବଳଭଦ୍ର ମାଝୀଙ୍କ ଠାରୁ ୬୫୦୧ ଅଧିକ ଭୋଟ ପାଇ ବିଜୟ ଲାଭ କରିଛନ୍ତି। ପ୍ରଦୀପ ଦିଶାରୀ ୬୦୨୫୪ ଭୋଟ ପାଇଥିବା ବେଳେ ବଳଭଦ୍ର ମାଝୀ ୫୩୭୫୩ ଭୋଟ ଏବଂ ବିଜେପିର ରମେଶ ମାଝୀ ୪୯୧୧୩ ଭୋଟ ପାଇଛନ୍ତି। ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡିର ମହିଳା ପ୍ରାର୍ଠଥନୀ ମନୋରମା ମହାନ୍ତି କଂଗ୍ରେସର ବରିଷ୍ଠ ନେତା ଭକ୍ତ ଦାସଙ୍କୁ ପରାଜିତ କରି ନୂଆ ଇତିହାସ ରଚିଛନ୍ତି। ଧର୍ମଗଡ଼ ବିଧାନସଭା ଆସନ ପାଇଁ ବିଜେପିର ସୁଧୀର ରଞ୍ଜନ ପାଟଯୋଶୀ ୧୮୯୨୭ ଭୋଟରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ପୁଷ୍ପେନ୍ଦ୍ର ସିଂହଦେଓଙ୍କଠାରୁ ବିଜୟ ଲାଭ କରିଛନ୍ତି। ସୁଧୀର ପାଟଯୋଶୀ ୮୭୮୯୦ ଭୋଟ ପାଇଥିବା ବେଳେ ପୁଷ୍ପେନ୍ଦ୍ର ସିଂହଦେଓ ୬୮୯୬୩ ଏବଂ କଂଗ୍ରେସର ରଶ୍ମୀରେଖା ରାଉତ ୪୧୨୬୯ ଭୋଟ ପାଇଛନ୍ତି। ଜୁନାଗଡ଼ ନିର୍ବାଚନମଣ୍ଡଳୀରେ ବିଜେଡିର କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ୧୩୭୯ ଭୋଟରେ ଆଗୁଆ ରହି ବିଜୟ ଲାଭ କରିଛନ୍ତି। ତେବେ ଦିବ୍ୟଶଙ୍କର ୭୬୪୮୩ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମନୋଜ ମେହେର ୭୫୧୦୪ ଭୋଟ ଏବଂ କଂଗ୍ରେସର ତୁଳେଶ୍ୱର ନାଏକ ୩୯୦୫୨ ଭୋଟ ପାଇଥିବା ଜଣାପଡ଼ିଛି। ରାଜ୍ୟର ଅନ୍ୟ ନିର୍ବାଚନମଣ୍ଡଳୀକୁ ଦେଖିଲେ ଜୁନାଗଡ଼ ନିର୍ବାଚନମଣ୍ଡଳୀର ଭୋଟ ଗଣତି ଅନେକ ସମୟରେ ପ୍ରାର୍ଥୀଙ୍କ ହାର୍ଟ ବିଟ୍ ବଢ଼ାଇ ଦେଉଥିଲା। କାରଣ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ କଣ୍ଟେକା ଟକ୍କର ହେଉଥିଲା, କିଏ ସାମାନ୍ୟ ଆଗରେ ତ କିଏ ପୁଣି ପଛରେ ରହୁଥିଲେ। ଅତି ଉତ୍କଣ୍ଠାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଥିଲା। କଳାହାଣ୍ଡି ଲୋକସଭା ଆସନର ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ତଥା ଭବାନୀପାଟଣା, ନର୍ଲା, ଲାଞ୍ଜିଗଡ଼, ଧର୍ମଗଡ଼, ଜୁନାଗଡ଼ ଏବଂ ନୂଆପଡ଼ା ଜିଲ୍ଲାର ଖରିଆର ଓ ନୂଆପଡ଼ା ରହିଛି। ଏହି ୭ଟି ନିର୍ବାଚନମଣ୍ଡଳୀର ମତଦାତାମାନେ ନିଜର ପ୍ରିୟ ନେତ୍ରୀ ଭାବେ ବିଜେପିର ମାଳବିକାକେଶରୀ ଦେଓଙ୍କୁ ସର୍ବାଧିକ ଭୋଟ ଦେଇ ଜୟଯୁକ୍ତ କରୁଛନ୍ତି। ମୁଖ୍ୟତଃ ତିନି ପ୍ରମୁଖ ରାଜନୈତିକ ଦଳ ରୂପେ ଥିବା କଂଗ୍ରେସ, ବିଜେଡି ଓ ବିଜେପି ମଧ୍ୟରେ ଲଢେଇ ହୋଇଥିଲା। କଂଗ୍ରେସର ମହିଳା ପ୍ରାର୍ଥୀ ଦ୍ରୌପଦୀ ମାଝୀ ୩୦୩୧୯୯ ଭୋଟ ପଡ଼ିଥିବାବେଳେ ବିଜେଡି ପ୍ରାର୍ଥୀ ଲମ୍ବୋଦର ନିଆଲ ୪୧୦୪୯୦ଭୋଟ ପାଇଥିଲେ। କିନ୍ତୁ ଏହି ଲୋକସଭା ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀନୀ ମାଳବିକା କେଶରୀ ଦେଓ ବିଜେପି ପ୍ରାର୍ଥୀ ଶ୍ରୀ ନିଆଲଙ୍କଠାରୁ ୧୩୩୮୧୩ ଭୋଟ ପାଇଁ ବିଜୟର ସୌଭାଗ୍ୟ ଲାଭ କରିଛନ୍ତି। ଶ୍ରୀମତୀ ମାଳବିକା ଦେବୀ ମୋଟ ୫୪୪୩୦୩ ଭୋଟ ପାଇ ଜିଲ୍ଲାରେ ରେକର୍ଡ ସୃଷ୍ଟି କରିଛନ୍ତି।

